

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:66+28 June 2026 (Sunday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୬୬+୨୮ ଜୁନ୍ ୨୦୨୬ (ରବିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


# ଭୂକମ୍ପ ବିଭୀଷିକା ମଧ୍ୟରେ ପୁଣି ଦୋହଲିଲା ଭେନେଜୁଏଲା



## ୪.୯ ତୀବ୍ରତାର ଭୂକମ୍ପ ରେକର୍ଡ

ନୂଆଦିଲ୍ଲୀ,୨୭।୬: ଭୂକମ୍ପର ଭୟାବହ ତାଣ୍ଡବ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଦୋହଲି ଯାଇଛି ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲା । ଦୁଇ ଦିନ ତଳେ ଆସିଥିବା ପ୍ରଳୟଙ୍କରୀ ଭୂକମ୍ପର ବିଭୀଷିକାରୁ ଦେଶ ଏପର୍ଯ୍ୟନ୍ତ ମୁକୁଳି ପାରିନଥିବା ବେଳେ ଶନିବାର ପୁଣି ଏକ ଝଟକା ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି । ଭେନେଜୁଏଲାର ଉତର ଉପକୂଳ ନିକଟରେ ଆଜି ଆଉ ଏକ ୪.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି, ଯାହାକୁ ମୁଖ୍ୟ ଭୂକମ୍ପର 'ଆଫ୍ଟରଶକ୍' ବୋଲି କୁହାଯାଉଛି । ସମୁଦ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଏହି ନୂତନ ଝଟକା ପରେ ଭୂକମ୍ପ ବିଶେଷଜ୍ଞମାନେ ଏହି ଅଚଂଳ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଆମେରିକାର ଭୂତାତ୍ତ୍ୱିକ ସର୍ଭେକ୍ଷଣ (ଟଏସଏ) ମୁତାବକ, ଏହି ଝଟକାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୫୫ କିଲୋମିଟର ଗଭୀରତାରେ ଥିଲା । ଶନିବାର ଆସିଥିବା ଏହି ଭୂକମ୍ପ ଯୋଗୁଁ କୌଣସି ଧନଜୀବନ ହାନିର ସୂଚନା ମିଳିନାହିଁ, କିନ୍ତୁ ଏହା ଫଳରେ ପୂର୍ବରୁ ଦୁର୍ବଳ ହୋଇପଡ଼ିଥିବା କୋଠାବାଡ଼ି ଭୁଶୁଡ଼ିବା ଏବଂ ଉଦ୍ଧାରକାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ବଡ଼ ବିପଦ ସୃଷ୍ଟି ହୋଇଛି । ଏହାପୂର୍ବରୁ ଗତ ବୁଧବାର ସନ୍ଧ୍ୟାରେ ମାତ୍ର ୧ ମିନିଟ୍ ଭିତରେ ପରସ୍ପର ପଛକୁ ଦୁଇଟି ପ୍ରଚଣ୍ଡ ଭୂକମ୍ପ ଆସିଥିଲା । ପ୍ରଥମେ ୭.୧ ଏବଂ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ୭.୫ ତୀବ୍ରତାର ଏହି ଯୋଡ଼ା ଭୂକମ୍ପ ସାରା ଉତ୍ତର ଓ୍ୱେନେଜୁଏଲା ସମେତ ରାଜଧାନୀ କାରାକାସ୍‌କୁ ଧୂଳିସାତ୍ କରିଦେଇଥିଲା । ବଡ଼ ବଡ଼ ଅଟ୍ଟାଳିକା ଏବଂ ବହୁତଳ ଆବାସିକ ଗୃହ କିଛି ସେକେଣ୍ଡ ମଧ୍ୟରେ ମାଟିରେ ମିଶିଯାଇଥିଲା । ଏହି ମହାବିପତିରେ ବର୍ତ୍ତମାନ ସୁଦ୍ଧା ୯୨୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ୪,୫୦୦ ରୁ ଅଧିକ ଆହତ ହୋଇଛନ୍ତି । ଏବେ ମଧ୍ୟ ହଜାର ହଜାର ଲୋକ ନିଖୋଜ ଅଛନ୍ତି, ଯେଉଁଥିପାଇଁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି । ମଲୱେ ତଳେ ଚାପି ହୋଇ ରହିଥିବା ଜୀବନକୁ ଖୋଜିବା ପାଇଁ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଦିନରାତି ଏକ କରିଦେଇଛନ୍ତି । କିନ୍ତୁ ଭଙ୍ଗା ରାସ୍ତାଘାଟ, ବିଚ୍ଛିନ୍ନ ଯୋଗାଯୋଗ ଏବଂ ଭୁଶୁଡ଼ି ପଡ଼ିଥିବା ଭିତିଭୂମି ଯୋଗୁଁ ଉଦ୍ଧାର କାର୍ଯ୍ୟ ବେଶ୍ ବାଧାପ୍ରାପ୍ତ ହେଉଛି । ପ୍ରଭାବିତ ଅଚଂଳରେ ଖାଦ୍ୟ, ପାଣି ଏବଂ ଜରୁରୀକାଳୀନ ଔଷଧ ପହଚାଂଇବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି ।

# ଆସନ୍ତାବର୍ଷ ଭାରତ ଆସିବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

## ଘୋଷଣା କଲେ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ



ନୂଆଦିଲ୍ଲୀ,୨୭/୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଆରମ୍ଭରେ ଭାରତ ଗସ୍ତ କରିପାରନ୍ତି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଶନିବାର ଏହି ସୂଚନା ସେୟାର କରିଛନ୍ତି । ରୁବିଓ କହିଛନ୍ତି ଯେ ଆମେରିକା ପ୍ରଶାସନ ଆସନ୍ତା ବର୍ଷ (୨୦୨୭) ଆରମ୍ଭରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି କରୁଛି । ସେ ଆଇଏଏନଏସକୁ କହିଛନ୍ତି, 'ରାଷ୍ଟ୍ରପତି ଟ୍ରମ୍ପଙ୍କ ଆସନ୍ତା ବର୍ଷ ଭାରତ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି । ମୁଁ ଭାବୁଛି ଏହା ଏକ ସକାରାତ୍ମକ ବିକାଶ ଅଟେ । ମାର୍କୋ ରୁବିଓ କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବାର ଆଶା କରାଯାଉଛି । ଟ୍ରମ୍ପ ଆସନ୍ତା ବର୍ଷ ଆରମ୍ଭରେ ଭାରତ ଗସ୍ତ କରିବେ; ମୁଁ ରାଷ୍ଟ୍ରପତିଙ୍କ ଗସ୍ତର ବିବରଣୀ ଚୂଡ଼ାନ୍ତ କରିବା ପାଇଁ ଭାରତ ଯାତ୍ରା କରୁଛି ।' ରୁବିଓ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଏକ ଉତ୍କୃଷ୍ଟ ସମ୍ପର୍କ ରହିଛି । ଭାରତ ବିଶ୍ୱର କିଛି ବଛା ବଛା ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଯାହାର ଭାରୀ ଅଶୋଧିତ ତୈଳ ବିଶୋଧନ କରିବାର କ୍ଷମତା ଅଛି । ନିଜକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସକ ଭାବରେ ବର୍ଣ୍ଣନା କରି ସେ ମନ୍ତବ୍ୟ ଦେଇଥିଲେ ଯେ ମୋଦୀ ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିଛନ୍ତି । ଭାରତକୁ ଆମେରିକାର ଏକ ପ୍ରମୁଖ ରଣନୈତିକ ଅଂଶୀଦାର ଭାବରେ ବର୍ଣ୍ଣନା କରି ରୁବିଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, 'ଭାରତ ଆମେରିକାର ଏତେ ଘନିଷ୍ଠ ଭାଗିଦାରି ଏବଂ ସହଯୋଗୀ, ଏବଂ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିକଟତର । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଶେଷ ଥର ପାଇଁ ଫେବୃଆରୀ ୨୦୨୦ ରେ ଭାରତ ଗସ୍ତରେ ଆସିଥିଲେ । ସେତେବେଳେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଅହମ୍ମଦାବାଦରେ 'ନମସ୍ତେ ଟ୍ରମ୍ପ' ରାଲିରେ ଅଂଶଗ୍ରହଣ କରିଥିଲେ, ଏବଂ ପରେ ନୂଆଦିଲ୍ଲୀରେ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା ।

# ଖୁବ୍‌ଶୀଘ୍ର ତୁଟିବ ମହାନଦୀ ଜଳ କଳି :

## ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କଲେ ବୈଷୟିକ ଟିମ୍, ଜୁଲାଇ ୧୧ରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର,୨୭/୬(ନି/ପ୍ର): ଖୁବ୍ ଶୀଘ୍ର ମହାନଦୀ ଜଳ କଳି ସମାଧାନ ହେବ । ଦୀର୍ଘଦିନ ଧରି ମହାନଦୀ ପାଣିକୁ ନେଇ ଓଡିଶା ଏବଂ ଛତିଶଗଡ ମଧ୍ୟରେ ଚାଲିଥିବା କନ୍ଦଳର ଅନ୍ତ ଘଟିବ । ଏହାସହ ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ ସୂଚନା ଦେଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଆଜି ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିଛନ୍ତି ଯୁଗ୍ମ ବୈଷୟିକ ଟିମ୍ । ଆଗାମୀ ଦିନରେ ଦୁଇ ରାଜ୍ୟ ଭିତରେ ସଚିବସ୍ତରୀୟ ବୈଠକ ହେବ । ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ୨ ରାଜ୍ୟ ମଧ୍ୟରେ ସମାଧାନର ବାଟ ଧୀରେ ଧୀରେ ପ୍ରଶସ୍ତ ହେଉଥିବା ନେଇ ସଂକେତ ମିଳିଛି । ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଆସନ୍ତା ଜୁଲାଇ ୧୧ରେ ମହାନଦୀ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବେ ଟ୍ରିବ୍ୟୁନାଲ । ଜଳବଟଂନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଜାତୀୟ ଜଳନୀତିକୁ ଆଧାର କରି ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି କୁହାଯାଇଛି । ଆଗାମୀ ପର୍ଯ୍ୟାୟରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ରଙ୍ଗ୍ ରୁଟରେ ଆସି ବାପା-ଝିଅଙ୍କ ଉପରେ ମାଡ଼ିଗଲା ଆମ ବସ୍

ଭୁବନେଶ୍ୱର,୨୭/୬(ନି/ପ୍ର): ରାଜଧାନୀରେ ପୁଣି ଆମ ବସ୍ ଦୁର୍ଘଟଣା । ସ୍କୁଲରୁ ଫେରୁଥିବା ବେଳେ ବାପା-ଝିଅଙ୍କୁ ଧକ୍କା ଦେଲା ଆମ ବସ୍ । ରଙ୍ଗ୍ ରୁଟ୍ ରେ ଆସି ଆମ ବସ୍ ଧକ୍କା ଦେଇଥିବା ସୂଚନା ମିଳିଛି । ଦୁର୍ଘଟଣାରେ ଝିଅର ଗୋଡ଼ରେ ଆଘାତ ଲାଗିଥିବା ବେଳେ ଗୁରୁତର ଅବସ୍ଥାରେ ବାପା-ଝିଅଙ୍କୁ ପିସିଆରରେ ମେଡିକାଲକୁ ପଠାଯାଇଥିଲା । ମଟେଂଶ୍ୱର ଗାଡ଼କଣ ରେଲୱେ ଷ୍ଟାଡିୟମ୍ ଛକ ରାସ୍ତା ନିକଟରେ ଦୁର୍ଘଟଣା ଘଟିଛି ଥିବା ସୂଚନା ମିଳିଛି । କ୍ଷତି ପୂରଣ ଦାବି ନେଇ ସ୍ଥାନୀୟ ଲୋକେ ରାସ୍ତା ରୋକ୍ କରିଛନ୍ତି । ଏବେବି ସ୍ଥିତି ଉତେଜନାପୂର୍ଣ୍ଣ ରହିଛି । କମିଶନରେଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଚିଂ ଛାନ୍‌ଭିନ୍ କରିବା ସହିତ ଆମ୍ ବସ୍ ଡ୍ରାଇଭରକୁ ଅଟକ ରଖିଛି । ସେଠାରେ ଶାନ୍ତି ଫେରାଇ ଆଣିବାକୁ ଉନ୍ମ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି । ଅତୀତରେ ଆମ ବସ୍ ଅନେକ ଦୁର୍ଘଟଣା ଘଟାଇଥିବା ବେଳେ ବାରମ୍ବାର ଏଭଳି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭୁବନେଶ୍ୱର ବାସିନ୍ଦା ।

# ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା :

## ଖୁବ୍ ଶୀଘ୍ର ଆସିବ ନୂଆ ଚଳଚ୍ଚିତ୍ର ନୀତି



ଭୁବନେଶ୍ୱର,୨୭/୬(ନି/ପ୍ର): ଖୁବ୍ ଶୀଘ୍ର ଆସିବ ନୂତନ ଚଳଚ୍ଚିତ୍ର ନୀତି । ନୂତନ ପଲିସି ପାଇଁ ଚାଲିଛି ବିଚାର ବିମର୍ଷ । ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଅବସରରେ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶା ହଲକୁ ହିନ୍ଦୀ ସିନେମା କବଳିତ କରିଛି । ଆଗକୁ ଏହାକୁ ଆଦୌ ପ୍ରଶୟ ଦିଆଯିବ ନାହିଁ । ହଲ୍ ଗୁଡ଼ିକରେ ଆଗ ଓଡ଼ିଆ ସିନେମା ଚାଲିବ, ତା' ପରେ ଅନ୍ୟ ସିନେମା । କେହି ଅମାନ୍ୟ କଲେ ଦଣ୍ଡ ବିଧାନ କରାଯିବ । ଏହାସହିତ ବ୍ଲକ ସ୍ତରରେ ଗୋଟେ ଦୁଇଟି ସିନେମା ହଲ କରାଯିବ । ଗାଁ ଲୋକ ଦେଖିଲେ ସିନେମା ଅଧିକ ହିଟ୍ ହେବ । ସେହିପରି କଳାକାର ଓ ଓଡ଼ିଆ ସିନେମାକୁ କିପରି ଆଗକୁ ନିଆଯିବ, ସେଥିପାଇଁ ସରକାର ଯୋଜନା କରୁଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।

# ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ



ଭୁବନେଶ୍ୱର,୨୭/୬(ନି/ପ୍ର): ବଦଳିଲେ ଓଡ଼ିଶା କଂଗ୍ରେସର ପ୍ରଭାରୀ । ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ ଭାବେ ଦାୟିତ୍ୱ ପାଇଛନ୍ତି । ଅଜୟ ଲଲ୍ଲୁଙ୍କ ସ୍ଥାନରେ ଲାଲ୍‌ଜୀ ଦେଶାଇଙ୍କ ନିଯୁକ୍ତି ନେଇ ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଓଡ଼ିଶା ସହିତ ହରିୟାନା ଓ ଉତର ପ୍ରଦେଶର କଂଗ୍ରେସ ପ୍ରଭାରୀ ମଧ୍ୟ ବଦଳିଛନ୍ତି । ହରିୟାଣାରେ ସଂଜୟ ଦତଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଉତର ପ୍ରଦେଶରେ ରାଜେନ୍ଦ୍ର ପାଲ ଗୌତମଙ୍କୁ ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ।

## ଶାନ୍ତି ଟେବୁଲରେ ଝଡ଼ !

# ଇରାନ କ୍ଷେପଣାସ୍ତ୍ର ସ୍ଥଳ-ଡ୍ରୋନ୍ ଘାଟି ଉପରେ ବଡ଼ ଧରଣର ଆକ୍ରମଣ କଲା ଆମେରିକା



ୱାସିଂଟନ,୨୭/୬: ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧର କଳା ବାଦଲ ଘୋଟିବାରେ ଲାଗିଛି । ଶାନ୍ତି ଟେବୁଲରେ ବସିଥିବା ଆମେରିକା ଏବଂ ଇରାନ ମଧ୍ୟରେ ଏକ ଝଡ଼ ସୃଷ୍ଟି ହୋଇଛି । କିଛି ଦିନ ଧରି ଚାଲିଥିବା ଉନ୍ତେଜନା ଏବେ ଏକ ବିପଦପୂର୍ଣ୍ଣ ମୋଡ଼ରେ ପହଚିଂଛି । ଶୁକ୍ରବାର ଦିନ, ଆମେରିକା ବାୟୁସେନାର ଲଢୁଆ ବିମାନ ଇରାନର ଅଚଂଳରେ ପ୍ରବେଶ କରି ଅନେକ ରଣନୈତିକ ସ୍ଥାନ ଉପରେ ପ୍ରବଳ ବୋମା ମାଡ଼ କରିଛି । ଆମେରିକାର କେନ୍ଦ୍ରୀୟ କମାଣ୍ଡ(ସେଟଂକମ୍) ଆକ୍ରମଣକୁ ନିଶ୍ଚିତ କରିଛି ଏବଂ କହିଛି ଯେ ଏହି କାର୍ଯ୍ୟାନୁଷ୍ଠାନ ଏକ ମାଲବାହୀ ଜାହାଜ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ଜବାବ । ଆମେରିକାର ପ୍ରତିରକ୍ଷା ବିଭାଗ ଅନୁଯାୟୀ,ଏହି ସ୍ୱତନ୍ତ୍ର ସାମରିକ ଅଭିଯାନରେ ଇରାନର କେତେକ ନିର୍ଦ୍ଦିଷ୍ଟ ସ୍ଥଳକୁ ଟାର୍ଗେଟ କରାଯାଇଥିଲା । ଆମେରିକାର ବିମାନ ଇରାନ ମଧ୍ୟରେ ଥିବା କ୍ଷେପଣାସ୍ତ୍ର ଡିପୋ, ଡ୍ରୋନ୍ ସଂରକ୍ଷଣ ସୁବିଧା ଏବଂ ଉପକୂଳବର୍ତୀ ରାଡାର ସ୍ଥଳଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଛି । ସେଟଂକମ୍ ବିବୃତିରେ ସ୍ପଷ୍ଟ କରିଛି ଯେ, ଏହି ଆକ୍ରମଣ ଇରାନର ଆକ୍ରମଣ କ୍ଷମତାକୁ ଦୁର୍ବଳ କରିବା ପାଇଁ ଏକ ଯୋଜନାବଦ୍ଧ ରଣନୀତି ଥିଲା । ଜୁନ୍ ୨୫ ତାରିଖରେ ଘଟିଥିବା ଏକ ଘଟଣା ପରେ ସେଟଂକମ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ସିଙ୍ଗାପୁର ପତାକା ବହନ କରୁଥିବା ମାଲବାହୀ ଜାହାଜ, ଏମ/ଭି ଏଭର ଲଭଲି ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ସମୟରେ ଇରାନୀ ଡ୍ରୋନ୍ ଏହା ଉପରେ ଆକ୍ରମଣ କରିଥିଲା । ସେହି ସମୟରେ ଜାହାଜଟି ଓମାନ ଉପକୂଳ ନିକଟ ଦେଇ ଯାଉଥିଲା । ଆମେରିକା ଏହି ଆକ୍ରମଣ ପାଇଁ ସିଧାସଳଖ ଇରାନକୁ ଦାୟୀ କରିଥିଲା ଏବଂ ଏହାକୁ ଅନ୍ତର୍ଜାତୀୟ ଜଳସୀମାରେ ସାମୁଦ୍ରିକ ସୁରକ୍ଷାର ଗମ୍ଭୀର ଉଲ୍ଲଂଘନ ବୋଲି କହିଥିଲା । ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସଙ୍କେତ ଦେଇଥିଲେ । ସାମ୍ବାଦିକମାନଙ୍କ ପ୍ରଶ୍ନର ଉନ୍ତର ଦେଇ ସେ କହିଥିଲେ ଯେ, ଇରାନ ଏଭଳି କାର୍ଯ୍ୟର ପରିଣାମ ଶୀଘ୍ର ଜାଣିବ । ଆକ୍ରମଣ ପରେ, ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ ରେ ଲେଖିଛନ୍ତି, ଇରାନ ରଣନୈତିକ ଜଳପଥରେ ଚାରୋଟି ଘାତକ ଡ୍ରୋନ୍ ମାଡ଼ କରିଛି, ଯାହା ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିର ମୂର୍ଖତାପୂର୍ଣ୍ଣ ଉଲ୍ଲଂଘନ । ଏହି ଆକ୍ରମଣ ବିଶ୍ୱବ୍ୟାପୀ ଚିନ୍ତା ବଢ଼ାଇଛି । ଆମେରିକା ସ୍ପଷ୍ଟ କରିଛି ଯେ ଏହି ଅଚଂଳରେ ନିଜର ସ୍ୱାର୍ଥ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ ରହିଛି । ସେଟଂକମ୍ ଏକ ବିବୃତି ଜାରି କରି କହିଛି, ଆମେରିକାର ସେନା ଏହି ଅଚଂଳରେ ସମ୍ପୂର୍ଣ୍ଣ ସତର୍କ ଅଛନ୍ତି ଏବଂ ଚୁକ୍ତିନାମା ପାଳନ ହେଉଛି କି ନାହିଁ ତାହା ସୁନିଶ୍ଚିତ କରୁଛନ୍ତି । ତେବେ ଇରାନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଆସିନାହିଁ, ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଘଟଣା ପରେ ପଶ୍ଚିମ ଏସିଆର ପରିସ୍ଥିତି ଅଧିକ ବିସ୍ଫୋରକ ହେବାର ଆଶଙ୍କା ରହିଛି ।

# ୱାସିଂଟନରେ ଇସ୍ରାଏଲ-ଲେବାନନ୍ ଶାନ୍ତି ଚୁକ୍ତିର ରୂପରେଖ ସ୍ୱାକ୍ଷରିତ :



## ନେତାନ୍ୟାହୁଙ୍କ ସର୍ତ ନେଇ ବଢ଼ିଲା ଅଚଳାବସ୍ଥା

ୱାସିଂଟନ,୨୭/୬: ମଧ୍ୟପ୍ରାଚ୍ୟରେ ମାସ ମାସ ଧରି ଚାଲିଥିବା ଉନ୍ତେଜନା ମଧ୍ୟରେ, ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି ।ଇସ୍ରାଏଲ ଏବଂଲେବାନନ୍ ଏକ ଶାନ୍ତି ଚୁକ୍ତିନାମାର ରୂପରେଖ ସ୍ୱାକ୍ଷର କରିଛନ୍ତି । ଏହା ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି । ୱାସିଂଟନରେ ଆମେରିକା ମଧ୍ୟସ୍ଥତାରେ କିଛି ଦିନ ଧରି ଚାଲିଥିବା ଆଲୋଚନା ପରେ ହୋଇଥିବା ଐତିହାସିକ ଚୁକ୍ତିନାମାକୁ ଏହି ଅଚଂଳରେ ସ୍ଥିରତା ଫେରାଇ ଆଣିବା ଦିଗରେ ପ୍ରଥମ ଏବଂ ସବୁଠାରୁ ବଡ଼ ପଦକ୍ଷେପ ଭାବରେ ଦେଖାଯାଉଛି । ୱାସିଂଟନର ଷ୍ଟେଟ୍ ଡିପାର୍ଟମେଟଂରେ ଏହି ଐତିହାସିକ ଦସ୍ତାବିଜ ସ୍ୱାକ୍ଷରିତ ହୋଇଛି । ଆମେରିକାରେ ଲେବାନନର ରାଷ୍ଟ୍ରଦୂତ ନାଦା ହମାଦେହ ମୋୱାଦ ଏବଂ ତାଙ୍କ ଇସ୍ରାଏଲୀ ପ୍ରତିପକ୍ଷ ୟେଚିଏଲ୍ ଲିଟର ଆମେରିକା ଅଧିକାରୀଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଦସ୍ତାବିଜ ଉପରେ ସହମତ ହୋଇଛନ୍ତି । କୂଟନୈତିକ ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଚୁକ୍ତିନାମା କେବଳ ଏକ କାଗଜ ଖଣ୍ଡ ନୁହେଁ, ବରଂ ଏକ ଦୀର୍ଘ ପ୍ରକ୍ରିୟାରୁ ଆରମ୍ଭ ହୋଇଥିବା ପ୍ରୟାସ ଯାହା ଏକ ପୂର୍ଣ୍ଣାଙ୍ଗ ଶାନ୍ତି ଚୁକ୍ତିନାମା ଆଡ଼କୁ ଉଭୟପକ୍ଷଙ୍କୁ ନେଇପାରିବ । ଏହି ଅବସରରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ଆଜି ଏକ ଯାତ୍ରାର ଆରମ୍ଭ ଯାହା ନିଃସନ୍ଦେହରେ କଷ୍ଟକର ଏବଂ ଚ୍ୟାଲେଞ୍ଜିଂ ହେବ, କିନ୍ତୁ ଶାନ୍ତି ପାଇଁ ଏହା ଅତ୍ୟାବଶ୍ୟକ । ଆଲୋଚନା ସମୟରେ ସେ ଲେବାନନ୍ ରାଷ୍ଟ୍ରଦୂତ ନାଦା ହମାଦେହଙ୍କ ମତକୁ ଉଚ୍ଚ ପ୍ରଶଂସା କରିଥିଲେ । ତେବେ ଅଧିକାରୀମାନେ ଏପର୍ଯ୍ୟନ୍ତ ଏହି ଚୁକ୍ତିର ବିବରଣୀ ସେୟାର କରିନାହାନ୍ତି । ଏହାର ସର୍ତାବଳୀ ଏପ୍ରିଲ ୧୬ ର ପୂର୍ବ ଅସ୍ତ୍ରବିରତି ଚୁକ୍ତିନାମାଠାରୁ କେତେ ଭିନ୍ନ କିମ୍ବା ପ୍ରଭାବଶାଳୀ ହେବ ତାହା ସ୍ପଷ୍ଟ କରାଯାଇ ନାହିଁ । ଲେବାନନ୍ ରାଷ୍ଟ୍ରଦୂତ ହମାଦେହ ଏହି ଚୁକ୍ତିନାମାକୁ ଲେବାନନ୍ ପାଇଁ ଏକ ବଡ଼ ବିଜୟ ବୋଲି କହିଛନ୍ତି । ତାଙ୍କ ମତରେ, ଏହା ଲେବାନନ୍‌ର ସାର୍ବଭୌମତ୍ୱ ଏବଂ ଆଚଂଳିକ ଅଖଣ୍ଡତାକୁ ପୁନରୁଦ୍ଧାର କରିବା ଦିଗରେ ପ୍ରଥମ ପଦକ୍ଷେପ । ସେ ଆଶା ପ୍ରକାଶ କରିଛନ୍ତି ଯେ, ଏହା ସବୁଦିନ ପାଇଁ ଯୁଦ୍ଧର ଅନ୍ତ କରିବ ଏବଂ ଲେବାନନବାସୀଙ୍କୁ ଶାନ୍ତି, ସୁରକ୍ଷା ଏବଂ ସମୃଦ୍ଧିରେ ବଚିଂବାକୁ ଦେବ । ଇସ୍ରାଏଲୀ ରାଷ୍ଟ୍ରଦୂତ ଲିଟର କହିଛନ୍ତି, ଏହି ପ୍ରୟାସର ଚୂଡ଼ାନ୍ତ ଏବଂ ଏକମାତ୍ର ଲକ୍ଷ୍ୟ ହେଉଛି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା । ତେବେ ଶାନ୍ତି ଚୁକ୍ତିନାମା ଘୋଷଣା ହେବାର ମାତ୍ର କିଛି ଘଟାଂ ପରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ବିବୃତି ଜାରି କରି ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି ।

# ହାଇଦ୍ରାବାଦରେ ଟ୍ରମ୍ପଙ୍କ ନାମରେ ରାସ୍ତା , ଭାରତକୁ ଧନ୍ୟବାଦ ଜଣାଇଲେ



ହାଇଦ୍ରାବାଦ/ୱାସିଂଟନ,୨୭/୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହାଇଦ୍ରାବାଦର ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରାଯାଇଥିବାରୁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ, ଡୋନାଲ୍ଡ ଟ୍ରମ୍ପ ଏହାକୁ ଏକ ଅଭୂତପୂର୍ବ ସମ୍ମାନ ବୋଲି ବର୍ଣ୍ଣନା କରିଛନ୍ତି । ଟ୍ରମ୍ପ ଉଦ୍‌ଘାଟନ ଉତ୍ସବର ଏକ ଫଟୋ ମଧ୍ୟ ସେୟାର କରିଛନ୍ତି । ବୁଧବାର, ଜୁନ୍ ୨୪ ତାରିଖରେ, ତେଲେଙ୍ଗାନାର ରେଭନ୍ତ ରେଡ୍ଡୀ ସରକାର ହାଇଦ୍ରାବାଦରେ ଆମେରିକାର ରାଷ୍ଟ୍ରପତିଙ୍କ ନାମରେ ନାମିତ ଏକ ରାସ୍ତାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଆମେରିକୀୟ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଏହି ଉତ୍ସବରେ ଅଂଶଗ୍ରହଣ କରି କହିଥିଲେ, ହାଇଦ୍ରାବାଦ ଭାରତ ଏବଂ ଆମେରିକା ମଧ୍ୟରେ ସୁଦୃଢ଼ ସହଭାଗୀତାର ଏକ ଉଦାହରଣ, ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢାଇବାରେ ସହରର ବର୍ଦ୍ଧିତ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହା ହାଇଦ୍ରାବାଦର ନାନକରାମଗୁଡ଼ାରେ ଅବସ୍ଥିତ । ଏହି ରାସ୍ତା ଆମେରିକୀୟ କନସୁଲେଟ୍ ସହିତ ସଂଲଗ୍ନ । ଏହି ଅଚଂଳରେ ମାଇକ୍ରୋସଫ୍ଟ, ଗୁଗୁଲ୍ ଏବଂ ଆମାଜନ ଭଳି ବଡ଼ ନାମ ସମେତ ଅନେକ ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିର କାର୍ଯ୍ୟାଳୟ ମଧ୍ୟ ରହିଛି । ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ହାଇଦ୍ରାବାଦ ଏବଂ ଆମେରିକା ମଧ୍ୟରେ ସମ୍ପର୍କର ପ୍ରତୀକାତ୍ମକ ସ୍ୱୀକୃତି ଭାବରେ ବର୍ଣ୍ଣନା କରିଛନ୍ତି ।ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭାଟି ବିକ୍ରମାର୍କ ଏବଂ ସର୍ଗିଓ ଗୋର୍ ଆନୁଷ୍ଠାନିକ ଭାବରେ ରାସ୍ତାର ଉଦ୍‌ଘାଟନ କରି ଏହାକୁ ଟ୍ରମ୍ପଙ୍କ ନାମରେ ନାମିତ କରିଥିଲେ । ଟ୍ରମ୍ପ ଉଦ୍‌ଘାଟନ ସମୟରେ ନିଜର ଖୁସି ପ୍ରକାଶ କରି କହିଥିଲେ ଯେ, ପୂର୍ବରୁ କୌଣସି ଆମେରିକୀୟ ରାଷ୍ଟ୍ରପତିଙ୍କୁ ଏପରି ଭାବରେ ସମ୍ମାନିତ କରାଯାଇ ନଥିଲା । ଏଭଳି ସମ୍ମାନରେ ସମ୍ମାନିତ ହୋଇଥିବା ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଡିସେମ୍ବର ୨୦୨୫ରେ ଏହି ରାସ୍ତାକୁ ଆମେରିକା ରାଷ୍ଟ୍ରପତିଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ । ଆମେରିକୀୟ କନସୁଲେଟ୍ ସଂଲଗ୍ନ ଏହି ରାସ୍ତା ପୂର୍ବରୁ ଆମେରିକୀୟ କନସୁଲେଟ୍ ରୋଡ୍ ଭାବରେ ଜଣାଶୁଣା ଥିଲା । ହାଇଦ୍ରାବାଦର ବର୍ଦ୍ଧିତ ଅନ୍ତର୍ଜାତୀୟ ମାନ୍ୟତା ଏବଂ ଭାରତ-ଆମେରିକୀୟ ସମ୍ପର୍କକୁ ସୁଦୃଢ଼ କରିବାରେ ସହରର ଭୂମିକାକୁ ନେଇ ଏହି ନାମକରଣ କରାଯାଇଥିଲା ।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝରରେ ଆକାଂକ୍ଷୀ ବ୍ଲକ ପାଇଁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ



କେନ୍ଦୁଝର,୨୭/୬(ନି/ପ୍ର) :କେନ୍ଦୁଝର ଦରବାର ହଲଠାରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୀତି ଆୟୋଗଙ୍କ 'ଚାମ୍ପିଅନ୍ସ ଅଫ୍ ଚେଞ୍ଜ' ଅଭିଯାନ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ସମସ୍ତ ଆକାଂକ୍ଷୀ ବ୍ଲକଗୁଡ଼ିକର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି ଓ ଆନୁଷଙ୍ଗିକ ସେବା, ମୌଳିକ ଭିିତ୍ତିଭୂମି ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ବ୍ଲକସ୍ତରୀୟ ପ୍ରଗତିର ସମୀକ୍ଷା କରାଯାଇଥିଲା । ଆକାଂକ୍ଷୀ ବ୍ଲକଗୁଡ଼ିକରେ କିପରି ସରକାରୀ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ସାଧାରଣ ଜନତାଙ୍କ ପାଖରେ ସେବା ପହଚାଂଇ ହେବ, ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ପ୍ରଥମେ ତାମିଲନାଡୁର ତିରୁଭଲୁର ଜିଲ୍ଲାରେ ଏକ ସି-ଫୁଡ୍ ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଫଳରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ । ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ତେଲକୋଇ ଅଚଂଳର ୬ ଜଣ ଜୁଆଙ୍ଗ ସମ୍ପ୍ରଦାୟର ଶ୍ରମିକ ଥିବାରୁ ସେ ଗଭୀର ଦୁଃଖ ପ୍ରକାଶ କରିଥିଲେ ।ବିକାଶ ସମ୍ପର୍କରେ ମତ ରଖି ଡାକ୍ତର ନାଏକ କହିଥିଲେ ଯେ, କେବଳ କାଗଜପତ୍ରରେ କାର୍ଯ୍ୟ ସୀମିତ ନ ରଖି ବାସ୍ତବ କ୍ଷେତ୍ରରେ କାର୍ଯ୍ୟ କଲେ ହିଁ ବିକାଶ ସାର୍ଥକ ହେବ । ସହରରେ ମିଳୁଥିବା ମୌଳିକ ସୁବିଧାଗୁଡ଼ିକ ଯେପରି ଗାଁ ଗହଳି ଓ ବ୍ଲକ ସ୍ତରରେ ପ୍ରତିଟି ଲୋକଙ୍କ ନିକଟରେ ପହଚିଂବ, ତାହା ହିଁ ଆମର ଲକ୍ଷ୍ୟ ରହିବା ଉଚିତ । କୃଷକ, ଯୁବ ଗୋଷ୍ଠୀ ଓ ନାରୀ ଶକ୍ତିର ସହଯୋଗରେ ହିଁ ଗାଁର ବିକାଶ ସମ୍ଭବ, ଯାହା ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ 'ପଛୁଆ ଅଚଂଳ ବୋଲି ନ କହି 'ଆକାଂକ୍ଷୀ' ଅଚଂଳ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ । ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସରକାରୀ ସୁବିଧାଗୁଡ଼ିକର ଶତପ୍ରତିଶତ ସଫଳତା ଆଣିବା ଆମର ମୁଖ୍ୟ ଲକ୍ଷ୍ୟ । ସରକାରୀ ଯୋଜନାଗୁଡ଼ିକର ସଠିକ୍ ସମୟରେ 'ଫଲୋ-ଅପ୍' କରା ନ ଗଲେ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ସମୟ ଲାଗିବ । ତେଣୁ ସମସ୍ତ ବିଭାଗ ମିଳିତ ଭାବେ ଉପଲବ୍ଧ ପାଣ୍ଠିର ଉଚିତ ବିନିଯୋଗ କଲେ ଆଗାମୀ ୩ ବର୍ଷ ମଧ୍ୟରେ ସମସ୍ତ ନିର୍ଦ୍ଧାରିତ 'ପାରାମିଟର' ବା ମାନଦଣ୍ଡଗୁଡ଼ିକୁ ସଫଳତାର ସହ ପୂରଣ କରାଯାଇ ପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ସୋମନାଥ ଦାସ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀମାନେ ଯୋଗଦେଇ ନିଜ ନିଜ କ୍ଷେତ୍ରରେ କିଭଳି ଅଧିକ ସଫଳତା ହାସଲ କରାଯାଇପାରିବ, ସେ ନେଇ ପରାମର୍ଶ ଗ୍ରହଣ କରିଥିଲେ ।

# ୬ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଇ.ଏଫ. ଡିଜିଟାଇଜେସନ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ



କେନ୍ଦୁଝର,୨୭/୬(ନି/ପ୍ର): କେନ୍ଦୁଝର ଜିଲ୍ଲାର ନିର୍ବାଚନ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟଂ ସ୍ଥାପିତ ହୋଇଛି । ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ (ଚମ୍ପୁଆ, ପାଟଣା, କେନ୍ଦୁଝର, କେନ୍ଦୁଝର ସଦର, ତେଲକୋଇ ଏବଂ ଘସିପୁରା) ପାଇଁ ଇ.ଏଫ(ନିର୍ବାଚକଙ୍କ ଫର୍ମ) ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରାଯାଇଛି ।ସ୍ୱଚ୍ଛତା ଓ ଦ୍ରୁତତା ଉପରେ ଗୁରୁତ୍ୱନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ଦ୍ରୁତ କରିବା ଲକ୍ଷ୍ୟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି ଡିଜିଟାଇଜେସନ୍ କାର୍ଯ୍ୟ ହାତକୁ ନିଆଯାଇଥିଲା । ପୂର୍ବରୁ କାଗଜପତ୍ର ଆଧାରିତ ଥିବା ଭୋଟର ତଥ୍ୟଗୁଡ଼ିକୁ ଏବେ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ମୋଡକୁ ଅଣାଯାଇଛି । ଏହାଦ୍ୱାରା ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ଏବଂ ଅପଡେଟ୍ ପ୍ରକ୍ରିୟାରେ ଅନେକ ସୁବିଧା ହେବ । ଏହି ସଫଳତା ପରେ, ଏବେ ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀର ଭୋଟର ତଥ୍ୟ ଅନଲାଇନ୍ ମାଧ୍ୟମରେ ସୁରକ୍ଷିତ ଭାବେ ଉପଲବ୍ଧ ରହିବ । ଏହା ପ୍ରଶାସନିକ ଅଧିକାରୀମାନଙ୍କୁ ଭୋଟର ତାଲିକା ପରିଚାଳନାରେ ଅଧିକ ସହାୟକ ହେବ ଏବଂ ଭବିଷ୍ୟତରେ ନିର୍ବାଚନୀ କାର୍ଯ୍ୟକୁ ଅଧିକ ଦକ୍ଷତାର ସହ ସମ୍ପାଦନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ ।କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସଏହି ବୃହତ୍ କାର୍ଯ୍ୟକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ତହସିଲ ସ୍ତରର କର୍ମଚାରୀ, ଡାଟା ଏଣ୍ଟ୍ରିଂ ଅପରେଟର ଏବଂ ନିର୍ବାଚନ ବିଭାଗର ଅଧିକାରୀମାନେ ଦିନରାତି ଏକ କରି ପରିଶ୍ରମ କରିଥିଲେ । ସେମାନଙ୍କର ନିଷ୍ଠାପର ପ୍ରୟାସ ଏବଂ ସମନ୍ୱୟ ଯୋଗୁଁ ହିଁ ସ୍ୱଳ୍ପ ସମୟ ମଧ୍ୟରେ ଏହି କଠିନ କାର୍ଯ୍ୟକୁ ସଫଳତାର ସହ ପୂରଣ କରାଯାଇପାରିଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ବିକାଶ ଧାରା, ଓଡ଼ିଆ ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦ୍ରାପଡା,୨୭/୬(ନି/ପ୍ର): ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ଦୀର୍ଘ ସାତ ଦିନ ଧରି ଗରଦପୁର ବ୍ଲକରେ ଚାଲିଥିବା ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି । ଏନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦଯାପିତ ସଭାରେ ବିଡ଼ିଓ ଆଲୋକ କୁମାର ସେଠୀଙ୍କ ପୌ ।ରହିତରେ ସ୍ୱାସ୍ଥ୍ୟ, ଶ୍ରମ, ପ୍ରାଣୀ ସମ୍ପଦ ଓ ପଶୁ ପାଳନ, ଶିଶୁ ବିକାଶ, ଜୀବିକା ମିଶନ, ସୁଭଦ୍ରା ଶକ୍ତି, ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା ଓ ଯୋଗାଣ ବିଭାଗର ଅଧିକାରୀ ଓ ଅଧିକାରିଣୀ ମାନେ ଯୋଗଦେଇ ସରକାରଙ୍କ ଜନହିତକର ଓ ସଫଳତା ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ ।

## କୋଡ଼ିଏ ବର୍ଷ ତଳେ ଏକ ଧର୍ଷଣ ମାମଲାର ବିଚାର କରି ମହେଶ୍ୱର ସେଠୀଙ୍କୁ କୋଡ଼ିଏ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର,୨୭।୬(ନି/ପ୍ର): କୋଡ଼ିଏ ବର୍ଷ ତଳେ ଏକ ଧର୍ଷଣ ମାମଲାର ବିଚାର କରି ମାନ୍ୟବର ଏଡିଜେ ପୋକସୋ ଫାଷ୍ଟଟ୍ରାକ କୋର୍ଟ ଅଭିଯୁକ୍ତ ମହେଶ୍ୱର ସେଠୀଙ୍କୁ କୋଡ଼ିଏ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିବା ବେଳେ ଏକ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ପ୍ରକାଶ ଯେ ମହେଶ୍ୱର ସେଠୀ ନେସ୍କୋ ରେ ଜେଇ ଭାବେ କାର୍ଯ୍ୟ କରିଥିଲା ବେଳେ ୨୦୦୬ ମସିହାରେ ଜଣେ ମହିଳାଙ୍କୁ ଧର୍ଷଣ କରିଥଲେ । ଏହାକୁ ଲୁଚାଇବାକୁ ଯାଇ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ରଖି ଧର୍ଷଣ କରିଥଲେ । ମହେଶ୍ୱର ସେଠୀ ମହିଳା ଜଣଙ୍କୁ ଠକୁଥିବା ଜାଣି ତେଲକୋଇ ଥାନାରେ ଏକ ମାମଲା ରୁଜୁ କରିଥିଲେ । ଏହି ମାମଲା ନେଇ ମହେଶ୍ୱର ଜିଲ୍ଲା କୋର୍ଟ ରୁ ସୁପ୍ରିମକୋର୍ଟକୁ ଯାଇଥିଲେ । ସୁପ୍ରିମ କୋର୍ଟର ତ୍ୱତାବଧନ ରେ ହାଇକୋର୍ଟ ଏହି ମାମଲାର ଶୀଘ୍ର ଶୁଣାଣି କରିବାକୁ ଜିଲ୍ଲା କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ଜିଲ୍ଲା ଏଡିଜେ ପୋକସୋ ଫାଷ୍ଟଟ୍ରାକ କୋର୍ଟ ଏହାର ବିଚାର କରି ଆଠ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ମହେଶ୍ୱରଙ୍କୁ ୩୭୬ ଧାରାରେ ଏହି ରାୟ ଶୁଣାଇ ଛନ୍ତି । ଏହି ଘଟଣା ଘଟିବାର କୋଡିଏ ବର୍ଷ ହୋଇ ଯାଇଥିଲା ବେଳେ ନିଜେ ପୀଡ଼ିତା ମୃତ୍ୟୁ ବରଣ କରିଥିବା ବେଳେ କିଛି ସାକ୍ଷୀ ମଧ ମୃତ୍ୟୁ ବରଣ କରିଛନ୍ତି । ଏହି ମାମଲାରେ ପୀଡ଼ିତାଙ୍କ ପରିବାରଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ଭାବେ ପାଂଚ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ନ୍ୟାୟିକ ବୋର୍ଡକୁ ଦେଲେ ଆଦେଶ ଦେଇଛନ୍ତି ମାନ୍ୟବର କୋର୍ଟ । ଏହି ବିଚାରଟି ଜିଲ୍ଲା ଡେପୁଟି ଡାଇରେକ୍ଟର ପ୍ରସ୍ୟୁକୁସନ ପ୍ରକାଶ ଚନ୍ଦ୍ର ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ସରକାରୀ ଓକିଲ ପତିତପାବନ ନାଥ ପରିଚାଳନା କରିଥିଲେ ।

## ସ୍ୱାତୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୮ତମ ପ୍ରତିଷ୍ଠା ଦିବସ ପାଳନ

କନ୍ଧମାଳ,୨୭।୬(ନି/ପ୍ର): କନ୍ଧମାଳ ଜିଲ୍ଲା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ୨୮ତମ ପ୍ରତିଷ୍ଠା ଦିବସ ବିଭିନ୍ନ ସ୍ଥାନରେ ସମ୍ପାଦକ ହରି ଶଙ୍କର ରାଉତ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକଳ୍ପର କର୍ମଚାାରୀ ମାନେ ସାମିଲ ହୋଇ ୨୭ ବର୍ଷର ଯାତ୍ରାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ପାଇଁ ଚେଷ୍ଟା କରାଯାଇଥିଲା । କନ୍ଧମାଳ ଜିଲ୍ଲାର ବିକାଶ ରେ ସ୍ୱାତୀ ଭଳି ଅନୁଷ୍ଠାନ ମାନଙ୍କର ଗୁରୁଦାୟିତ୍ୱ ଯଥେଷ୍ଟ ଅଧିକ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଓ ଆଲୋଚନା ହେଉଥିବାର ଦେଖାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସ୍ଥାନୀୟ ଲୋକପ୍ରତିନିଧି ଓ ସରକାରି ଅଧିକାରି ମାନେ ଏହି ଅନୁଷ୍ଠାନ ଓ ତାଙ୍କର କର୍ମୀ ଏବଂ ପରିଚାଳନା ପରିଷଦ କରିଥିବା ରୂପାନ୍ତର ନିଶ୍ଚିତ ପ୍ରଶଂଶନୀୟ ବୋଲି କହିବା ସହ ଆଗାମିଦିନ ଗୁଡିକରେ ମଧ୍ୟ ଜାରି ରଖିବେ ବୋଲି ଆଶା ପ୍ରକଟ କରିଥିଲେ ।କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମୀ ମାନେ ବିଭିନ୍ନ ସମାଜ ସେବାରେ କିପରି ଅନୁଷ୍ଠାନ ର ଆନ୍ତରିକତା ଓ ସକ୍ରିୟ ଯୋଗଦାନ ଆଗକୁ ବଳିଷ୍ଠ ରହିବ ତାହା ଲୋକ ମାନଙ୍କୁ ଜଣାଇଥିଲେ । ଆଗକୁ ଏକ ସପ୍ତାହ ଧରି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ବୋଲି ଅନୁଷ୍ଠାନ ର ସମ୍ପାଦକ ସୂଚନା ଦେଇଥିଲେ ।

# ତପୋବନ ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ: କୃଷ୍ଣଚନ୍ଦ୍ର ପାତ୍ର




ଢେଙ୍କାନାଳ,୨୭/୬(ନି/ପ୍ର): ରହିବେ ଢେଙ୍କାନାଳ ଜିଲ୍ଲାର କାଣନାଟି ଅନ୍ତର୍ଗତ କାଦୁଆଠାରେ ମହିମାଧର୍ମ ପ୍ରତିଷ୍ଠାତା ବିଶ୍ୱବନ୍ଦ୍ୟ ମହିମା ସ୍ୱାମୀଙ୍କ ଓଡିଶା ମାଟିରେ ପଦାର୍ପଣର ୨୦୦ବର୍ଷ ପୂର୍ତ୍ତି ମହୋତ୍ସବ ୨୦୨୬ କପିଳାସ ତପୋବନ ମହିମା ପୀଠ ପରିଚାଳନା ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ବର୍ଣ୍ଣାଠ୍ୟ କାର୍ଯ୍ୟକ୍ରମରେ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ତାଙ୍କ ସରକାର ପ୍ରତିଶ୍ରୁତି ବଦ୍ଧ, ଏଣୁ ତପୋବନ ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ । ଏଥିପାଇଁ ଆନ୍ତରିକତା ଓ ସହଯୋଗ ରହିବା ଉଚିତ ବୋଲି ପ୍ରକାଶ କରିଥିଲେ । ମହିମା ଧର୍ମ ଢେଙ୍କାନାଳକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି । ସମସ୍ତଙ୍କ ସହ ଐକ୍ୟ ଭାବ ରଖି କାର୍ଯ୍ୟ କରିବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦେଶରେ ବିଶେଷ କରି ଓଡିଶାରେ ଯେତେବେଳେ ଧର୍ମାନ୍ତିକରଣ ଯୋରସୋରରେ ଚାଲିଥିଲା, ଠିକ ସେତିକିବେଳେ ଦୁଇଶହ ବର୍ଷ ପୂର୍ବେ ଶ୍ରୀକ୍ଷେତ୍ର ପୁରୀଠାରେ ମହିମା ଗୋସାଇଁ ଆବିର୍ଭାବ ହୋଇଥିଲେ ଓ ଓଡ଼ିଶାର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ସହି ନ ପାରି ନିଜର ଅଲୌକିକ ଶକ୍ତି ଜରିଆରେ ସେ ଜଗତ ଭକତର ମଙ୍ଗଳ ପାଇଁ ମହିମା ଧର୍ମ ଆଡ଼କୁ ଆକୃଷ୍ଟ କରି ନେଇଥିଲେ । ଫଳରେ ଧର୍ମାନ୍ତରୀକରଣକୁ ରୁକି ପାରିଥିଲେ । ମହିମା ଧର୍ମ ବିଶ୍ୱକୁ ଶାନ୍ତି, ତ୍ୟାଗର ବାର୍ତ୍ତା ଦେଇଛି । ମହିମା ଧର୍ମର ବାଣି ଆଜି ବିଶ୍ୱର ପ୍ରତ୍ୟେକ ପ୍ରାଣକୁ ନିନାଦିତ କରୁଛି ବୋଲି ପ୍ରକାଶ କରିଥିଲେ । ମହିମା ପୀଠ ଗୁଡ଼ିକର ସବୁ ପ୍ରକାର ବିକାଶ ହେବା ଉଚିତ ବୋଲି କହିଥିଲେ । ଢେଙ୍କାନାଳ ସାଂସଦ ତଥା ଆୟୋଜକ କମିଟିର ଅଧ୍ୟକ୍ଷ ରୁଦ୍ରନାରାୟଣ ପାଣି ନିଜର ସଭାପତିତ୍ୱ ଅଭିଭାଷଣରେ ମହିମା ଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବର୍ତ୍ତମାନ ଏ ଯେଉଁ ପ୍ରୟାସ ବାବା ରଘୁନାଥ ଦାସଙ୍କ ଦ୍ୱାରା ଚାଲିଛି,ତାର ପ୍ରଶଂସା କରିବା ସହ ତାଙ୍କର ପୂର୍ଣ୍ଣ ସହଯୋଗ ରହିଛି ଓ ଆଗାମୀ ଦିନରେ ତା ନିଶ୍ଚିତ ଦୃଢ଼ିଭୁତ ହେବ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ନିଜର ମତ ରଖି ତାଙ୍କ ମନ ଭିତରେ ଲୁଚି ରହିଥିବା କଥାକୁ ସେ ପ୍ରକାଶ କରିଥିଲେ । ସେ ଏକଦା ମହିମା ଧର୍ମରେ ଦୀକ୍ଷିତ ହୋଇ ବାବାଜୀ ହେବାକୁ ମନ ବଳାଇଥିଲେ, ହେଲେ ପରିସ୍ଥିତି ତାଙ୍କୁ ସେଥିରୁ ଦୂରେଇ ରଖି ନେଇଥିଲା । ତାଙ୍କର ମହିମା ଧର୍ମ ଓ ଯୋରନ୍ଦା ନିଜ ଘର କହି ଘରକୁ ସଜାଡ଼ିବା ପାଇଁ ପ୍ରତିଶ୍ରୁତିର ଆବଶ୍ୟକ ନାହିଁ ବୋଲି କହିଥିଲେ । ଭବ୍ୟ କାର୍ଯ୍ୟକ୍ରମକୁ ରସାଳ କରିଥିଲେ ଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଦସ୍ୟ ତଥା ପ୍ରବଚକ ମହେଶ ସାହୁ ଓ ମହିମା ଧର୍ମ ପ୍ରବଚକ ବାବା ଶେଷଦେବ ଦାସ ଭାବଗର୍ଭକ ମତ ଦେଇ ମହିମା ଧର୍ମର ମୂଳ ବିଚାରଧାରା ଓ ମହିମା ସ୍ୱାମୀଙ୍କ ଆଗମନରୁ ପ୍ରଚାର ପର୍ଯ୍ୟନ୍ତ କିଭଳି ତାଙ୍କର ଅଲୌକିକତାର ପରିପ୍ରକାଶ କରିଥିଲେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ମାର୍ଗଦର୍ଶକ ତଥା ତପୋବନ ପୀଠର ପୀଠାଧିଶ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କୌପିନଧାରୀ ମହିମା ସମାଜର ସଭାପତି ବାବା ଅବିନାଶ ଦାସ ମହିମା ଧର୍ମ ଓ ମହିମା ସ୍ୱାମୀଙ୍କ ଜୀବନାଦର୍ଶ ଉପରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ମଚାଂସୀନ ରହି ନିଜର ସୁଚିନ୍ତିତ ମତାମତ ରଖିଥିଲେ । ଏହି ଅବସରରେ ସଦାନନ୍ଦ ଶବର ପରିବାରର ବିଦ୍ୟାଧର ଦେହୁରୀ ଓ ମହିମା ଜ୍ୟୋତି ଯାତ୍ରାର ସଂଯୋଜକଙ୍କୁ ମହିମା ଧର୍ମ ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟକରୁଥିବା ହେତୁ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରଥମେ ବାବା ରଘୁନାଥ ଦାସ ଓ ବାବା ଅବିନାଶ ଦାସଙ୍କ ଦ୍ୱାରା ମଚଂ ଉଦ୍‌ଘାଟନ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଆୟୋଜକ କମିଟିର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ଅବନୀ ମିଶ୍ର ମଚଂ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସଂସ୍କୃତି ବିଭାଗର ସହଭାଗିତା ରେ କରାଯାଇଥିଲା ।ଶେଷରେ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ବିଭୁତି ଭୁଷଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଧୁମାନେ ଧୂନି ସ୍ଥାପନ କରି ଜଗତ ଭକତର ମଙ୍ଗଳ କାମନା କରି ଘୃତାହୁତି ଦେଇଥିଲେ ।ଖୋଳ, ଘଟଂ, ଖଞ୍ଜଣି ଭଜନରେ ଉତ୍ସବ ମୁଖର ହୋଇଉଠିଥିଲା କାଦୁଆ ମହିମା ଶ୍ରମ । ଉତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ମହିମା ସାଧୁ, ସନ୍ଥ, ଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ । ଶେଷରେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଓ ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା ।

## ଡିଡିସି ଓ ଡିଏଲଆରସି ବୈଠକ: ଋଣ ପ୍ରଦାନ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରଗତି ସମୀକ୍ଷା

# ଶଶୀଭୂଷଣ ପାଣିଗ୍ରାହୀଙ୍କୁ ବ୍ୟାଙ୍କ ପରମ ମିତ୍ର ପୁରସ୍କାର

ନୂଆପଡ଼ା,୨୭/୬(ନି/ପ୍ର) : ନୂଆପଡ଼ା ଜିଲ୍ଲାରେ ଡିଡିସି ଏବଂ ଡିଏଲଆରସି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଏଲଡିଏମ ହରିଶଙ୍କର ନିଆଲ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ବାର୍ଷିକ ଋଣ ଯୋଜନାର ଲକ୍ଷ୍ୟ, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଚାଷ ଏବଂ ଅନ୍ୟାନ୍ୟ ବିଭାଗକୁ ଋଣ ପ୍ରଦାନ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ସଂଯୋଗ ଆଦି ବିଷୟ ଉପରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦାଶ ବିଭିନ୍ନ ବ୍ୟାଙ୍କ ଓ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗ୍ୟ ହିତାଧିକାରୀଙ୍କୁ ସମୟୋପଯୋଗୀ ଋଣ ସହାୟତା ଯୋଗାଇବା ଏବଂ ସରକାରୀ ଆର୍ଥିକ ଯୋଜନାଗୁଡ଼ିକର ଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ସହାୟତା, କୃଷି ଋଣ ଏବଂ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଋଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବ୍ୟାଙ୍କ ଓ ଅନୁଷ୍ଠାନଗୁଡ଼ିକୁ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବ୍ୟାଙ୍କ ଭାବେ ସମ୍ମାନିତ ହୋଇଥିବାବେଳେ, ଏସବିଆଇ ଏଡିବି ନୂଆପଡ଼ା ଶ୍ରେଷ୍ଠ ଶାଖା ଭାବେ ପୁରସ୍କୃତ ହୋଇଥିଲା । ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ୨୩୮ଟି ଋଣ ମଞ୍ଜୁର କରିଥିବାରୁ ଏସବିଆଇକୁ ଏମଏସଏମଇ ବର୍ଗରେ ବିଶେଷ ସଫଳତା ପୁରସ୍କାର ପ୍ରଦାନ କରାଯାଇଥିଲା । କିଷାନ କ୍ରେଡିଟ୍ କାର୍ଡ (କେସିସି) ଋଣ ବାବଦରେ ୧୮୦ କୋଟି ଟଙ୍କା ମଞ୍ଜୁର କରିଥିବାରୁ ବଲାଙ୍ଗିର ସେଂଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ (ବିସିସିବି) ଲିମିଟେଡକୁ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବ୍ୟାଙ୍କ ଭାବେ ସମ୍ମାନିତ କରାଯାଇଥିଲା । ଏମକେୟୁଓ୍ୱାଇ ଋଣ ମଞ୍ଜୁର କ୍ଷେତ୍ରରେ ଏସବିଆଇ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା । ସହରାଂଚଳ ଯୋଜନାଗୁଡ଼ିକ ମଧ୍ୟରେ ଏନୟୁଏଲଏମ ଓ ପିଏମ୍ ସ୍ୱନିଧି ଯୋଜନାରେ କ୍ରମାଗତ ସଫଳତା ପାଇଁ ଖରିଆର ରୋଡ଼ ଏନଏସିକୁ ସମ୍ମାନିତ କରାଯାଇଥିଲା । ଏନୟୁଏଲଏମ ଯୋଜନାରେ ନୂଆପଡ଼ା ଏନଏସି ଏବଂ ପିଏମ୍ ସ୍ୱନିଧି ଯୋଜନାରେ ଖରିଆର ଏନଏସି ଜିଲ୍ଲା ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଶଶୀଭୂଷଣ ପାଣିଗ୍ରାହୀଙ୍କୁ 'ବ୍ୟାଙ୍କ ପରମ ମିତ୍ର' ପୁରସ୍କାର ଏବଂ ଏସବିଆଇର ଆଂଚଳିକ ପରିଚାଳକଙ୍କୁ 'ବ୍ୟାଙ୍କର ଅଫ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଆରବିଆଇ ଭୁବନେଶ୍ୱରର ଏଲଡିଓ ରାଜେଶ କୁଣ୍ଡା, ଏସବିଆଇ ଆରବିଓ ବଲାଙ୍ଗିରର ଆଂଚଳିକ ପରିଚାଳକ ସାଇକୃଷ୍ଣ ପଟ୍ଟନାୟକ, ନାବାର୍ଡର ଡିଡିଏମ୍ ଏସ୍. ମାଝୀ, ଆରସେଟି ନିର୍ଦ୍ଦେଶକ ଜେ. ସାହୁ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ୟାଙ୍କରମାନେ ଉପସ୍ଥିତ ଥିଲେ ।

# ଚମ୍ପୁଆ ବ୍ଲକରେ ସ୍କୁଲ ପୋଷାକ ବିତରଣରେ ବ୍ୟାପକ ଅନିୟମିତତା:

## ମାପ ନାହିଁ କି ସେଟ୍ ନାହିଁ, ତଦନ୍ତ ନିର୍ଦ୍ଦେଶ ଦେଲେ ବିଡିଓ

ଚମ୍ପୁଆ,୨୭।୬(ନି/ପ୍ର): ଚମ୍ପୁଆ ବ୍ଲକରେ ସରକାରୀ ସ୍କୁଲ ପିଲାଙ୍କ ପୋଷାକ ବିତରଣରେ ପୁଣି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗଣଶିକ୍ଷା ବିଭାଗର ନିୟମ ଅନୁଯାୟୀ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦୁଇ ହଳ ପୋଷାକ, ଜୋତା, ମୋଜା, ହାଉସ୍ ଡ୍ରେସ୍ (ଘର ପୋଷାକ) ଏବଂ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଭେଣ୍ଡରମାନଙ୍କୁ ଟେଣ୍ଡର ଜରିଆରେ ଦାୟିତ୍ୱ ଦିଆଯାଇଛି । ମାତ୍ର ଚଳିତ ବର୍ଷ ମଧ ଗତବର୍ଷ ଭଳି ସମାନ ଦୁର୍ନୀତିର ପୁନରାବୃତି ଘଟିଛି । ଛାତ୍ରଛାତ୍ରୀଙ୍କ ଶରୀରର ଉପଯୁକ୍ତ ମାପ ନନେଇ କେବଳ ଆନୁମାନିକ ପିଲା ସଂଖ୍ୟା ଗଣତି କରି ଡ୍ରେସ୍ ଯୋଗାଇ ଦିଆଯାଇଛି । ଫଳରେ କେଉଁ ପିଲାଙ୍କୁ ଅତି ଛୋଟ ତ କେଉଁ ପିଲାଙ୍କୁ ବହୁତ ବଡ଼ ସାଇଜର ପୋଷାକ ମିଳିଛି । ଅନେକ ସ୍କୁଲରେ ପୋଷାକର ସେଟ୍ ସମ୍ପୂର୍ଣ୍ଣ ନାହିଁ । କେଉଁଠି ଫ୍ରକ୍ ଦିଆଯାଇଛି ତ ପ୍ୟାଟଂ ନାହିଁ, ପୁଣି କେଉଁଠି ଚୁଡ଼ିଦାର ଦିଆଯାଇଛି ତ ଚୁନରି ଗାଏବ ଅଛି । ଠିକାଦାର ବା ଭେଣ୍ଡରମାନେ ମନମୁଖୀ ଭାବେ ଅଧାପନ୍ତରିଆ ଡ୍ରେସ୍ଗୁଡ଼ିକୁ ସ୍କୁଲ କାର୍ଯ୍ୟାଳୟରେ ଜମା କରି ଚାଲି ଯାଉଛନ୍ତି । ଗତବର୍ଷର ଅଭିଯୋଗ ସତ୍ତ୍ୱେ ଏହି ବର୍ଷ ମଧ୍ୟ ସମାନ ଭୁଲ୍ କରାଯାଇଛି । ଏହି ବ୍ୟାପକ ଅନିୟମିତତା ସମ୍ପର୍କରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, 'ମୁଁ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି । ସରକାରୀ ଅର୍ଥର ଏଭଳି ଅପବ୍ୟବହାର ଏବଂ କୋମଳମତି ଶିଶୁଙ୍କ ଅଧିକାର ସହ ଖେଳା ଯାଉଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ସିପିଆଇ(ଏମ) ନେତା ବୀରଭଦ୍ର ଜତିଙ୍କ ମୃତ୍ୟୁରେ ଶୋକ

ଭଦ୍ରକ,୨୭/୬(ନି/ପ୍ର): ସିପିଆଇ(ଏମ) ଧାମରା ଶାଖାର ବରିଷ୍ଠ ନେତା, ଧାମରା ଅଂଚଳର ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, ଓଡିଶା କୃଷକ ସଭାର ବରିଷ୍ଠ ନେତା ବୀରଭଦ୍ର ଜତି ୭୦ ବର୍ଷ ବୟସରେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କ ମୃତ୍ୟୁରେ ସିପିଆଇ(ଏମ) ପାର୍ଟି ଓ ଧାମରା ଅଂଚଳ ଜଣେ ବରିଷ୍ଠ ରାଜନେତା ଓ ସମାଜସେବୀଙ୍କୁ ହରାଇଛି । ତାଙ୍କ ମୃତ୍ୟୁରେ ତାଙ୍କ ଗ୍ରାମ ଜାଗୁଲା ସ୍ଥିତ ବାସଭବନରେ ତାଙ୍କ ମର ଶରୀର ପାଖରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଚଂଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ସିପିଆଇ(ଏମ) ଧାମରା ଶାଖା ସଂପାଦକ ଶଙ୍କର୍ଷଣ ବିଶ୍ୱାଳ, ବରିଷ୍ଠ ସିପିଆଇ(ଏମ) ନେତା କାର୍ତ୍ତିକ ଖିଲାର, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ପ୍ରମୁଖ ପହଂଚି ତାଙ୍କୁ ଶେଷ ଦର୍ଶନ କରି ଥିଲେ ।

# ଉତ୍କଳ ସମାଚାର


## ସମ୍ପାଦକୀୟ...

### ରବିବାର ୨୮ ଜୁନ୍ ୨୦୨୬

## ନ୍ୟାସଦାରୁ ପରିକ୍ରମା ସମୟରେ ଶ୍ରୀକ୍ଷେତ୍ରର ସବୁ ଶିବ ଓ ଶକ୍ତି ଚଳଚଞ୍ଚଳ



ଶ୍ରୀମନ୍ଦିରର କୋଇଲି ବୈକୁଣ୍ଠରେ ସାତଟି ମଣ୍ଡପ ନିର୍ମାଣ କରାଯିବାର ବିଧି ରହିଛି। ଏହି ମଣ୍ଡପ ଗୁଡ଼ିକର ବ୍ୟବହାର କର୍ମକାଣ୍ଡ ବିଜ୍ଞାନ ଅନୁଯାୟୀ ଏବଂ ବାସ୍ତୁଶାସ୍ତ୍ର ଅନୁଯାୟୀ ନିର୍ମାଣ କରାଯାଇଥାଏ। ଏହି ମଣ୍ଡପରେ ମହାପ୍ରଭୁଙ୍କର ଯେଉଁ ଗୁପ୍ତବିଧି ସମ୍ପନ୍ନ ହୁଏ ତାହା ଅତି ଗୋପନୀୟ। ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ଗବେଷଣାର ତଥ୍ୟ ଓ ଶ୍ରୀମନ୍ଦିରର ସନ୍ଧିଲିପି ତଥା ବିଶିଷ୍ଟ ଗବେଷକ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟା ଅନୁଯାୟୀ, 'ସ୍କନ୍ଦ ପୁରାଣ ସ୍ପଷ୍ଟ ରୂପରେ ଏହାର ନିର୍ମାଣ ଶବ୍ଦ ଧ୍ୱନି ନ ଶୁଣିବା ପାଇଁ ବାରଣ କରିଛନ୍ତି।' ସପ୍ତ ମଣ୍ଡପ ବିଷୟରେ ଐତିହାସିକ ଜଗବନ୍ଧୁ ସିଂ ସୂଚନା ପ୍ରଦାନ କରିଛନ୍ତି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ନୂତନ ବିଗ୍ରହ ମାନଙ୍କର ମାପ ପ୍ରକାଶ କରିଛନ୍ତି। ମାତ୍ର ବାସ୍ତବରେ ଦଇତା ଓ ପତି ସେବକମାନଙ୍କ ସହାୟତାରେ କେଉଁ ମାପରେ କେଉଁ ବିଗ୍ରହ ତିଆରି ହେବେ ତାହା ନିର୍ଦ୍ଧାରିତ ହୋଇଥାଏ। ଏହା ପ୍ରଘଟ ହେବା କଥା ନୁହେଁ। ମାତ୍ର କୌଣସି ପ୍ରକାରେ ଗତ ନବକଳେବର ସମୟରେ ପ୍ରଘଟ ହୋଇଯାଇଥିଲା। ବାସ୍ତବରେ ବ୍ରହ୍ମ ଯେଉଁ ଦାରୁଙ୍କୁ ଧାରଣ କରିବେ ସେହି ଦାରୁଙ୍କର ମାପ ଚୁପ କୌଣସି ଦୃଷ୍ଟିକୋଣରୁ ଜାଣିବା ଆବଶ୍ୟକତା ନାହିଁ। ଏହିପରି ଜର୍ମାନୀର ହେଡେଲବର୍ଗ ବିଶ୍ୱବିଦ୍ୟାଳୟ ଯେଉଁ 'ମାଦଳା ପାଞ୍ଜି', ସଂଗୃହୀତ କରି ପ୍ରକାଶ କରିଛି ସେଥିରେ ମଧ୍ୟ ବିଗ୍ରହ ନିର୍ମାଣର ମାପ ପ୍ରକାଶିତ ହୋଇଛି। ସେଗୁଡ଼ିକ ଠିକ ଲାଗୁନାହିଁ। ପ୍ରକୃତ ପକ୍ଷରେ ବାଡ଼ଗ୍ରାହୀ ଦଇତାପତିମାନେ ବଂଶ ପରମ୍ପରା କ୍ରମରେ ତାଙ୍କ ଘରେ ଥିବା ଗୁପ୍ତ ପୋଥି ଅନୁଯାୟୀ କାଠିଆ ମାପରେ ବିଶ୍ୱକର୍ମାଙ୍କୁ ବିଗ୍ରହ ମାନଙ୍କ ମାପ ଦିଅନ୍ତି। ଏପରି କି ବାଡ଼ଗ୍ରାହୀଙ୍କ ବ୍ୟତୀତ ଅନ୍ୟ ଅଧିକାଂଶ ଦଇତାମାନଙ୍କୁ ଏହି ମାପ ଠିକ ଜଣା ନଥାଏ। ଏହା ହିଁ ସତ୍ୟ। ନିର୍ମିତ ହୋଇଥିବା ସାତଟି ମଣ୍ଡପରେ ଯଜ୍ଞାଧବ ବିଧି ଶ୍ରୋତ୍ରିୟ ବ୍ରାହ୍ମଣ ମାନେ କରିଥାନ୍ତି। ମହାପ୍ରଭୁଙ୍କ ପୁରୋହିତ ଏହି କାର୍ଯ୍ୟର ତତ୍ତ୍ୱବଧାରକ ରୂପେ ଉପସ୍ଥିତ ରୁହନ୍ତି। ସହଯୋଗ କରନ୍ତି ମୁକ୍ତି ମଣ୍ଡପର ଷୋଳଶାସନର ବ୍ରାହ୍ମଣମାନେ। ଏହି ପ୍ରତିଷ୍ଠ କର୍ମର ପ୍ରକୃତ ରହସ୍ୟ ହେଉଛି ବିଗ୍ରହ ନିର୍ମାଣ କାର୍ଯ୍ୟ ଓ ପ୍ରତିଷ୍ଠା କାର୍ଯ୍ୟ ସମଭାବରେ ଚାଲିଥିବାର କେହି କାହାରି କଥା ଜାଣିବା ସମ୍ଭବ ନୁହେଁ। କର୍ମକାଣ୍ଡର ବିଜ୍ଞାନ ଅନୁଯାୟୀ ସେହି ସମୟରେ ବିଗ୍ରହ ମାନଙ୍କର ସିଧାସଳଖ ପ୍ରତିଷ୍ଠା କାର୍ଯ୍ୟ ସମ୍ଭବ ନୁହେଁ। ତେଣୁ ଏକ ସ୍ୱତନ୍ତ୍ର ନ୍ୟାସ କାର୍ଯ୍ୟ ସେହି ଅବସ୍ଥାରେ ହୋଇଥାଏ। ଏହି ନ୍ୟାସକାର୍ଯ୍ୟ ହୟଶୀର୍ଷ ସଂହିତା ଅନୁଯାୟୀ ସମ୍ପନ୍ନ ହୋଇଥାଏ। ତେଣୁ ଏଥିପାଇଁ ଜଣେ ନ୍ୟାସ ଆଚାର୍ଯ୍ୟ ଗଜପତିଙ୍କ ଦ୍ୱାରା ବରଣ ହୋଇଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ବାତାବରଣ ଏକ ପବିତ୍ର ବାତାବରଣରେ ପରିଣତ କରାଯାଇଥାଏ। ୧୫ଜଣ ପାଠକ ବ୍ରାହ୍ମଣ ବରଣ ହୋଇ ୧୫ଟି ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ର ପ୍ରଭାବଶାଳୀ ମନ୍ତ୍ର ଓ ସ୍ତୋତ୍ରକୁ ପ୍ରତିଦିନ ପାଠ କରୁଥାନ୍ତି ଏବଂ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଥିବା ଆଠଟି ଶୈବ ପୀଠରେ ଏକକାଳୀନ ନିର୍ଦ୍ଦିଷ୍ଟ ସମୟରେ ଶିବାଭିଷେ ନୀତି ପ୍ରଚଳିତ ଥାଏ। ଶ୍ରୀମନ୍ଦିର ଭିତରେ ଐଶାନେଶ୍ୱର ଓ ବୈକୁଣ୍ଠେଶ୍ୱର ମହାଦେବ ନବକଳେବର ଲୀଳା ସହିତ ସମ୍ପୃକ୍ତ ରହିଥିବାରୁ ଅଭିଷେକ ମାଧ୍ୟମରେ ଶ୍ରୀମନ୍ଦିର ଭିତର ବାତାବରଣ ଅନୁକୂଳ ରଖିବା ପାଇଁ ତାଙ୍କୁ ଚଳଚଞ୍ଚଳ କରାଏ। ଶ୍ରୀକ୍ଷେତ୍ରର ବାତାବରଣ ଅନୁକୂଳ ରଖିବାପାଇଁ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ସାମିଲ ହୋଇଥିବା ପଚଂପାଣ୍ଡବଙ୍କ ମନ୍ଦିରରେ ଓ ଗଜପତିଙ୍କ ପ୍ରାଚୀନ ଶ୍ରୀନଅରରେ ଉପସ୍ଥାପିତ ହେଉଥିବା ଶ୍ରୀଅଷ୍ଟଶମ୍ଭୁଙ୍କୁ ଏକା ସମୟରେ ଶିବାଭିଷେକ କରାଯାଏ। ସେହିପରି ଶ୍ରୀମନ୍ଦିର ମଧ୍ୟରେ ଚାରିବେଦୀ, ମା'ବିମଳା, ମା'ବଟମଙ୍ଗଳା, ମା'ଭୁବନେଶ୍ୱରୀ ଓ ମା'ଉନ୍ନରାୟଣୀଙ୍କ ପାଖରେ ଏକା ସମୟରେ ଚଣ୍ଡୀପାଠ କରାଯାଏ। ଏହି ଦେବୀମାନେ ଶ୍ରୀମନ୍ଦିରରେ ଶକ୍ତିକୁ ଚଳଚଞ୍ଚଳ ରଖିଥାନ୍ତି। ଶ୍ରୀମନ୍ଦିର ବାହାରେ ନଅଜଣ ଦେବୀ, ମା'ଦକ୍ଷିଣକାଳୀ, ମା'ଆଲାମଚଣ୍ଡୀ, ମା'ଚର୍ଚ୍ଚିକା, ମା'ମର୍ଚ୍ଚିକା, ମା'ଶ୍ୟାମାକାଳୀ, ମା' ବାସେଳୀ, ମା'ବାରାହୀ, ମା'ଅର୍ଦ୍ଧାସନୀ ଓ ମା'ବିଶ୍ୱେଶରୀଙ୍କୁ ମଧ୍ୟ ଏହି ସମୟରେ ଚଳଚଞ୍ଚଳ କରାଯାଏ। ସେଥିପାଇଁ ନିଷ୍ଠାର ସହିତ ମା'ଙ୍କ ପାଖରେ ଚଣ୍ଡୀପାଠ କରାଯାଇ ପୂଜାର୍ଚ୍ଚନା କରାଯାଏ। ପ୍ରକାଶ ଯେ ମା'ବାସେଳୀ, ମା' ବାରାହୀ ଓ ମା'ଆଲାମଚଣ୍ଡୀ ନବକଳେବର ଲୀଳା ସହିତ ଶାସ୍ତ୍ରୀୟ ଦେବୀ ଭାବରେ ସମ୍ପୃକ୍ତ ଥିବାବେଳେ ନିତେଇ ଧୋବଣୀ ଆରାଧ୍ୟା ବିଶିରେଇ ମଧ୍ୟ ଏହି ଲୀଳା ସହ ସମ୍ପୃକ୍ତ ରହିଛନ୍ତି। ନିତେଇ ଧୋବଣୀଙ୍କ ଚୁଡ଼ଙ୍ଗ ପାଠଠାରୁ ଉନ୍ନରକୁ ମା'ବିଶେରେଇ ଅବସ୍ଥାନ କରିଛନ୍ତି। ବିଶିରେଇଙ୍କ ପ୍ରାଚୀନ ମୂର୍ତ୍ତି ଆଗରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ମା'ବିଶ୍ୱେଶ୍ୱରୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି। ବାସ୍ତବରେ ପଛପଟରେ ଥିବା ପ୍ରାଚୀନ ବିଶିରେଇ ମୂର୍ତ୍ତିଙ୍କ ମୁଣ୍ଡ ତଳକୁ ଓ ତଳଭାଗ ଉପରକୁ ରହିଅଛି। ନିତେଇ ଧୋବଣୀ ତାଙ୍କ ଗୁପ୍ତାଙ୍ଗ ମନ୍ଦରଫୁଲ ଦେଇ ପୂଜା କରୁଥିଲେ। ଏହିପରି ଏକ ପବିତ୍ର ବାତାବରଣରେ ବନଯାଗରେ ଆସିଥିବା ମହାଦାରୁଙ୍କ ମଧ୍ୟରୁ ଖଣ୍ଡିଏ ମହାଦାରୁଙ୍କୁ ଜୀବନ୍ୟାସ ଦିଆଯାଏ। ଏହି ଜୀବନ୍ୟାସ ପାଇଥିବା ମହାଦାରୁ ଆଠଚକ ବିଶିଷ୍ଟ ନନ୍ଦିଘୋଷ ସଦୃଶ ରଥରେ ମୂଳ ମନ୍ଦିରକୁ ଶାସ୍ତ୍ରୀୟ ବିଧି ବିଧାନ ଅନୁଯାୟୀ ମହାକାଳର ସନ୍ଧିକ୍ଷଣର ଦୁଇଦିନ ପୂର୍ବରୁ ପରିକ୍ରମା କରାଯାଏ। ପ୍ରକାଶଯୋଗ୍ୟ, ଦେବତା ଓ ମୂଳ ମନ୍ଦିର ପରିକ୍ରମା ବିଧାନ ଭାରତୀୟ ସନାତନ ଧାରାର ଏକ ଅଙ୍ଗ। ସେହି ଜୀବନ୍ୟାସ ପାଇଥିବା ଦାରୁଙ୍କ ଦେହରେ ବ୍ରହ୍ମ ସ୍ଥାପିତ ହୋଇଥାନ୍ତି। ଏହି ଜୀବନ୍ୟାସ ଦାରୁ ହିଁ ଚାରିଭାଗ ହୋଇ ଚତୁର୍ଦ୍ଧା ବିଗ୍ରହଙ୍କ ଦେହରେ ସ୍ଥାନିତ ହୁଅନ୍ତି। ମାନବୀୟ ଲୀଳାରେ ଜୀବନ୍ୟାସ ପାଇଥିବା ଓ ମା'ଗର୍ଭରେ ଥିବା ସନ୍ତାନ ଯେଉଁଭଳି ଜୀବାତ୍ମା ପ୍ରବେଶ କଲେ ଭୂମିଷ୍ଠ ହୋଇଥାଏ ସେହିଭଳି ଜୀବନ୍ୟାସ ପାଇଥିବା ଦାରୁରେ ପରମବ୍ରହ୍ମ ମହାକାଳର ସନ୍ଧିଣ ପରେ ବ୍ରାହ୍ମମୁହୂର୍ତ୍ତରେ ପୁରୁଣା ବିଗ୍ରହ ଛାଡ଼ି ପ୍ରବେଶ କରନ୍ତି। ଏହି ମାନବୀୟ ଲୀଳାକୁ ମହାପ୍ରଭୁ ନବକଳେବର ଲୀଳାରେ ଲୋକ ମାନଙ୍କ ଶିକ୍ଷା ପାଇଁ ଜଣାଇ ଦେଇଅଛନ୍ତି। ଏହା ହେଉଛି ପ୍ରକୃତରେ ଜନମ-ମରଣ ଚକର ରହସ୍ୟ। ଘଟନ୍ତାର ପ୍ରକ୍ରିୟାର ମଧ୍ୟ ରହସ୍ୟ।

# ସେବା, ଶାସନ ଓ ଶାସିତ

ସେବା ଏକ ଅଦୃଶ୍ୟ ମୂଲ୍ୟ ଓ ପଦକ୍ଷେପ, ଯାହାକୁ ନିର୍ବାଚିତ ପ୍ରତିନିଧିମାନେ ତର୍ଜମା କରି ସାଧାରଣ ଲୋକମାନେ ପାଉଛନ୍ତି ବା ଉପକୃତ ହେଉଛନ୍ତି ନା ନାହିଁ ତଦାରଖ କରିଥାନ୍ତି । ଯଦି ଏଇଠି ସେବା ପାଇଁ ମୂଲ୍ୟ ଆଦାୟ ହୁଏ, ତେବେ ଦୁର୍ନୀତି ଆସେ । ଦୁର୍ନୀତି ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତିକୁ ବାଧା ପହଚାଂଇଥାଏ ଏବଂ ସାଧାରଣ ବିଶ୍ୱସନୀୟତା ହରାଇଥାଏ । ସ୍ୱାମୀ ବିବେକାନନ୍ଦ କହିଥିଲେ 'ମାନବ ସେବା ହିଁ ମାଧବ ସେବା' । ଏହାର ଅର୍ଥ, ମାନବ ସମାଜ ପ୍ରତି ନିରନ୍ତର ସ୍ୱାର୍ଥବିହୀନ ସେବାକୁ ହିଁ ଈଶ୍ୱରଙ୍କ ସେବା ବୋଲି କୁହାଯାଏ । ନିଃସ୍ୱାର୍ଥପର ଭାବରେ କିଛି ଭଲ କର୍ମ କରି ସମାଜର ଉପକାର କରିବାକୁ ପ୍ରକୃତ ସେବା ବୋଲି ଧରାଯାଏ । ସମଗ୍ର ବିଶ୍ୱରେ ଅନେକ ବିଶିଷ୍ଟ ବ୍ୟକ୍ତି ସମାଜର ଲୋକମାନଙ୍କ ପାଇଁ ସେବା କରି ଜୀବନ ଅତିବାହିତ କରିଛନ୍ତି । ଆବ୍ରାହାମ ଲିଙ୍କନ ଆମେରିକାରେ କଳା ଲୋକଙ୍କ ପାଇଁ କାମ କରି କ୍ରୀତଦାସ ପ୍ରଥାକୁ ବିଲୋପ କରିଥିଲେ । ଯୀଶୁଖ୍ରୀଷ୍ଟ ଓ ଗୌତମ ବୁଦ୍ଧଙ୍କର ସମାଜ ପ୍ରତି ସେବା ଓ ତ୍ୟାଗ ଅବିସ୍ମରଣୀୟ ଅଟେ । ମହାତ୍ମା ଗାନ୍ଧୀ ଦେଶସେବା କରି ଜୀବନକୁ ଉତ୍ସର୍ଗ କରିଦେଲେ ଓ ଅହିଂସା ସେବା ଦ୍ୱାରା ଦେଶକୁ ପରାଧୀନତାରୁ ମୁକ୍ତ କଲେ । ଓଡ଼ିଶାରେ ଗୋପବନ୍ଧୁ ଓ ମଧୁବାବୁ ସମାଜ ପ୍ରତି ନିଜର ମହନୀୟ ସେବା ପାଇଁ ଚିରସ୍ମରଣୀୟ ଅଟନ୍ତି । ସାଧାରଣ ଅର୍ଥରେ ସେବା ସୁବିଧା ବା ଉପକାର ଯୋଗାଇ ଦେବାକୁ ବୁଝାଇଲେ ମଧ୍ୟ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ଦୃଷ୍ଟିରୁ ଭିନ୍ନ ହୋଇଥାଏ । ବ୍ୟବସାୟ ବା ବୃତ୍ତିରେ ସେବା ଯୋଗାଉଥିବା ବ୍ୟକ୍ତି ନିଜର ପ୍ରାପ୍ୟ ପାଇଁ ଅର୍ଥ ବା ପାରିଶ୍ରମିକ ଅସୁଲ କରିଥାଏ । ମାତ୍ର ରାଜନୈତିକ ଓ ସାମାଜିକ ସଂସ୍ଥାଗୁଡ଼ିକ ଯୋଗାଉଥିବା ସେବାମାନ ନିଃଶୁଳ୍କ ଅଟେ । କାରଣ, ଏହି ସେବାଗୁଡ଼ିକୁ ଲୋକମାନଙ୍କୁ ସୁବିଧା ଯୋଗାଇବା ପାଇଁ ଉଦ୍ଦିଷ୍ଟ । ଯେତେବେଳେ ସେବା ପ୍ରଦାନକାରୀ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲିଯାଇ ଅସତ୍, ଅନ୍ୟାୟ ଓ ପ୍ରଦତ୍ତ କ୍ଷମତାର ଅପବ୍ୟବହାର କରି ନିଜ ସ୍ୱାର୍ଥ ପାଇଁ କାମ କରେ ବା ଅର୍ଥ ଉପାର୍ଜନ କରେ, ସେଇଠି ଦୁର୍ନୀତି ଜନ୍ମ ନେଇଥାଏ । ବର୍ତ୍ତମାନ ସମୟରେ ଏହା କ୍ୟାନସର ରୋଗ ଭଳି ବ୍ୟାପିବାରେ ଲାଗିଅଛି । ସେବା ଏକ ଅଦୃଶ୍ୟ ମୂଲ୍ୟ ଓ ପଦକ୍ଷେପ, ଯାହାକୁ ନିର୍ବାଚିତ ପ୍ରତିନିଧିମାନେ ତର୍ଜମା କରି ସାଧାରଣ ଲୋକମାନେ ପାଉଛନ୍ତି ବା ଉପକୃତ ହେଉଛନ୍ତି ନା ନାହିଁ ତଦାରଖ କରିଥାନ୍ତି। ଯଦି ଏଇଠି ସେବା ପାଇଁ ମୂଲ୍ୟ ଆଦାୟ ହୁଏ, ତେବେ ଦୁର୍ନୀତି ଆସେ । ଦୁର୍ନୀତି ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତିକୁ ବାଧା ପହଚାଂଇଥାଏ ଏବଂ ସାଧାରଣ ବିଶ୍ୱସନୀୟତା ହରାଇଥାଏ । ଲୋକଙ୍କ ଭରସା ତୁଟିଲେ ସରକାର ଓ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ହେବେନାହିଁ, ଫଳରେ ରାଜନୈତିକ ଅସ୍ଥିରତା ସହ ସାମାଜିକ ବିଭ୍ରାଟ ଘଟିବ । ଭାରତର ବର୍ତ୍ତମାନ ରାଜନୀତିର ପୃଷ୍ଠଭୂମି ଦେଖିଲେ ସେବାର ଅର୍ଥ ନିଃସ୍ୱାର୍ଥପର ଓ ନିରନ୍ତର ସାଧାରଣ ଜନତାଙ୍କ ପାଇଁ କର୍ତ୍ତବ୍ୟକୁ ବୁଝାଏ । ଦେଶରେ କୌଣସି ନିର୍ବାଚିତ ନେତାଙ୍କର କ୍ଷମତା କହିଲେ ସାମ୍ବିଧାନିକ, ବୈଧାନିକ ଓ ପ୍ରଶାସନିକ କର୍ତ୍ତୃତ୍ୱକୁ ବୁଝାଏ, ଯାହା ଲୋକମାନଙ୍କ ଦ୍ୱାରା ସରକାରଙ୍କୁ ପ୍ରଦତ୍ତ କରାଯାଇଥାଏ । ଏହି କ୍ଷମତା ବଳରେ ସେମାନଙ୍କର ଦାୟିତ୍ୱ ନୂତନ ଆଇନ ତିଆରି କରିବା ଓ ନୂତନ ଉନ୍ନତିମୂଳକ ଯୋଜନାମାନ ପ୍ରସ୍ତୁତ କରିବା ଅଟେ । ନିର୍ବାଚିତ ପ୍ରତିନିଧିମାନଙ୍କର କ୍ଷମତା ପରିସରକୁ ମୁଖ୍ୟତଃ ୩ଭାଗରେ ବିଭକ୍ତ କରାଯାଇଥାଏ । ପ୍ରଥମତଃ, ସାମ୍ବିଧାନିକ କ୍ଷମତା । ଭାରତରେ ସଂସଦୀୟ ଗଣତନ୍ତ୍ର ସହିତ ସଂଘୀୟ ରାଷ୍ଟ୍ର ଶାସନ ବା କେନ୍ଦ୍ର ଅଧୀନ ହେଲେ ମଧ୍ୟ ରାଜ୍ୟଗୁଡ଼ିକ ସ୍ୱାଧୀନ ଅଟନ୍ତି । ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥାଏ । କେନ୍ଦ୍ର ସ୍ତରରେ ସମ୍ବିଧାନର ୭୪(୧) ଅଂଶ ଅନୁସାରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କଦ୍ୱାରା ଗଠିତ ମନ୍ତ୍ରୀ ପରିଷଦ ହାତରେ ଶାସନ କ୍ଷମତା ନ୍ୟସ୍ତ ଥାଏ, ଯିଏ ରାଷ୍ଟ୍ରପତିଙ୍କୁ ଆବଶ୍ୟକ ସ୍ଥଳେ ପରାମର୍ଶ ଦେଇଥାନ୍ତି । ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମୁଖ୍ୟ ହିସାବରେ ସରକାରଙ୍କର ଦାୟିତ୍ୱ ତୁଲାଇଥାନ୍ତି ଏବଂ ଗଠିତ ମନ୍ତ୍ରିପରିଷଦ ତାଙ୍କୁ ସାହାଯ୍ୟ କରିଥାନ୍ତି । ରାଜ୍ୟପାଳ କେବଳ ସାମ୍ବିଧାନିକ ମୁଖ୍ୟ ହିସାବରେ କାର୍ଯ୍ୟ କରିଥାନ୍ତି । ଲୋକସଭା ଏବଂ ବିଧାନସଭା ସଦସ୍ୟମାନେ ଜନପ୍ରତିନିଧି ଭାବରେ ଲୋକମାନଙ୍କ ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚିତ ହୋଇଥାନ୍ତି । ସେମାନଙ୍କର କ୍ଷମତା ଓ ଦାୟିତ୍ୱ ହେଲା ଗୃହରେ ଆଲୋଚନା ବିତର୍କରେ ଭାଗନେଇ ନୂତନ ଆଇନକୁ ପାସ୍ କରିବା ଏବଂ ବିଧାନସଭା ସଦସ୍ୟମାନଙ୍କର ସ୍ୱତନ୍ତ୍ର କ୍ଷମତା ଥାଏ, ଯାହାଦ୍ୱାରା ଇଲେକ୍ଟୋରାଲ କଲେଜ ମାଧ୍ୟମରେ ଦେଶର ରାଷ୍ଟ୍ରପତି ଓ ରାଜ୍ୟସଭା ସଦସ୍ୟଙ୍କୁ ନିର୍ବାଚିତ କରିଥାନ୍ତି । ଦ୍ୱିତୀୟରେ ପ୍ରଶାସନିକ ଓ ପରିଚାଳନା କ୍ଷମତା ନିର୍ବାଚିତ ପ୍ରତିନିଧିମାନଙ୍କ ହାତରେ ନ୍ୟସ୍ତ ଥାଏ । ବିଶେଷ ଭାବରେ କ୍ୟାବିନେଟ ମନ୍ତ୍ରୀଙ୍କ ହାତରେ ପ୍ରଶାସନିକ କ୍ଷମତା ଥାଏ, ଯାହାଦ୍ୱାରା ନୀତି ନିର୍ଦ୍ଧାରଣ କରିବା, ବଜେଟ ବ୍ୟବସ୍ଥା କରି ବଣ୍ଟନ କରିବା ଏବଂ ଅମଲାତନ୍ତ୍ର ଯଥା- ସର୍ବଭାରତୀୟ ସେବାରେ ନିୟୋଜିତ ଆଇ.ଏ.ଏସ୍. ଓ ଆଇ.ପି.ଏସ୍ ଅଫିସରମାନଙ୍କ କାର୍ଯ୍ୟକୁ ତଦାରଖ କରିବା, ଯେଉଁମାନେ କି ନିମ୍ନସ୍ତରରେ ସମସ୍ତ ଯୋଜନା ବା ନୀତିକୁ କାର୍ଯ୍ୟକାରୀ କରିଥାନ୍ତି । ତୃତୀୟ ପ୍ରକାରର କ୍ଷମତା ଦେଖିଲେ, ଯେଉଁ ନିର୍ବାଚିତ ପ୍ରତିନିଧିମାନେ କ୍ଷମତାରୁ ବଞ୍ଚିତ ଅର୍ଥାତ୍ ମନ୍ତ୍ରୀ ହୋଇନଥାନ୍ତି ସେମାନେ ବିରୋଧୀ ଦଳରେ ବି ଥାଆନ୍ତୁ ସେମାନଙ୍କୁ ସାମ୍ବିଧାନିକ କ୍ଷମତା ପ୍ରଦାନ ଦ୍ୱାରା ସରକାରଙ୍କର ଦାୟିତ୍ୱବୋଧକୁ ତର୍ଜମା କରିବା, ସେବା ବଞ୍ଚିତମାନଙ୍କର ସ୍ୱର ହୋଇ ବିଭିନ୍ନ ଆବଶ୍ୟକ ଦାବି ରଖିବା ଏବଂ ସର୍ବୋପରି କ୍ଷମତାରେ ଥିବା ଦଳର ଠିକ୍ କାର୍ଯ୍ୟାନ୍ୱୟନକୁ ତର୍ଜମା କରିଥାନ୍ତି । ବିଶ୍ୱରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ଅଛି, ତା' ମଧ୍ୟରୁ ଗଣତନ୍ତ୍ର ଏକ ଉତ୍ତମ ବ୍ୟବସ୍ଥା ବୋଲି ରାଜନୀତି ବିଶାରଦମାନେ ମତ ଦିଅନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ କହିଥିଲେ 'ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ' । ଯାହାର ଅର୍ଥ ହେଲା- ଜନସାଧାରଣଙ୍କ ହାତରେ କ୍ଷମତା ଏବଂ ତାଙ୍କ ଇଚ୍ଛାରେ ଶାସନ । କ୍ଷମତାର ମୁଖ୍ୟ ଛଅଗୋଟି ଉପାଦାନ ହେଲା ଆର୍ଥିକ, ରାଜନୈତିକ, ପ୍ରତିରକ୍ଷା, ସାଂସ୍କୃତିକ, ଭୌଗୋଳିକ ଓ ପ୍ରାକୃତିକ ସମ୍ପଦର ପରିଚାଳନା । ଭାରତବର୍ଷ ସ୍ୱାଧୀନ ହବାର ୭୮ବର୍ଷ ବିତିଗଲାଣି । ଏହି ଗଣତନ୍ତ୍ରର ପରିପକ୍ୱତା, ଆଚରଣ ବିଧି ଓ ନିରପେକ୍ଷତା ପାଇଁ ସାରା ବିଶ୍ୱରେ ସୁନାମ ଅଛି । ପୂର୍ବରୁ ରାଜତନ୍ତ୍ର ଓ ଔପନିବେଶବାଦ ଶାସନ କ୍ଷମତାର ସ୍ୱାଦ ଚାଖି ତାହାର ଅନ୍ତ ଘଟାଇ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କ୍ଷମତାର ସ୍ୱାଦ ମଧ୍ୟ ଦେଶବାସୀ ପରୀକ୍ଷା କରିସାରିଲେଣି । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଅନ୍ୟାୟ, ଅନୀତି, ଶୋଷଣ, କଷଣ ଓ ଭ୍ରାଷ୍ଟାଚାରର ଅନ୍ତ ଘଟାଇ ଶ୍ରଦ୍ଧା, ପ୍ରେମ, ସୌହାର୍ଦ୍ଦ୍ୟ, ଭ୍ରାତୃଭାବ ଓ ପରସ୍ପର ସହଯୋଗର ଅଭ୍ୟୁଦୟ ହେବ । ଏହା ଭିତରେ ଅନେକ ପରିବର୍ତ୍ତନ ଘଟିଗଲାଣି । ଅନ୍ୟ ଉନ୍ନତ ଦେଶ ଭଳି ବିକଶିତ ହେଉଅଛି । ମାତ୍ର ଗଣତନ୍ତ୍ରର ଛତ୍ରଛାୟା ତଳେ ଏକକ କ୍ଷମତା ଉତ୍ଥାନ, ଅର୍ଥନୈତିକ ପରିଚାଳନାରେ ତ୍ରୁଟି ଏବଂ ସାମ୍ପ୍ରଦାୟିକ ସଦ୍ଭାବର ନଷ୍ଟ ପରିଲକ୍ଷିତ ହେଉଛି । କ୍ଷମତା ଅଳୀନ୍ଦରେ ଶାସନ ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟର ଅଭାବ ଯୋଗୁଁ ବିଦ୍ୱେଷମାନ ଦେଖା ଦେଉଛି । ବହୁଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଦଳୀୟ ସୁପ୍ରିମୋବାଦ ମୁଣ୍ଡ ଟେକିବା ଯୋଗୁଁ ଗଣତନ୍ତ୍ର ବିପଦମୁଖୀ ହେଉଛି । ସେବା ବଦଳରେ ଯେନତେନ କ୍ଷମତା ହାସଲ କରିବା ରାଜନୈତିକ ଲକ୍ଷ୍ୟ ପାଲଟି ଯାଉଛି । ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଦକ୍ଷତା ଅପେକ୍ଷା କ୍ଷମତାସୀନ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଦ୍ୱାରା ନିରପେକ୍ଷତା ଓ ସାଧାରଣ ଲୋକମାନେ ଉଚିତ୍ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ସମୟ ବଦଳି ଯାଉଛି । ଭାରତ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାବରେ ଉଭା ହୋଇଛି । ଏହାର ଦ୍ରୁତ ଜନସଂଖ୍ୟା ବୃଦ୍ଧି, ବେକାରୀ ଓ ଗରିବୀକୁ ବାଟ ଦେଖାଉଥିଲେ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ଦୃଢ଼ ଅଭିବୃଦ୍ଧି ଘଟି ପୃଥିବୀର ୩ୟ ବୃହତ୍ ଅର୍ଥନୀତି ପାଇଁ ପ୍ରତିଯୋଗିତା କରୁଛି । ସର୍ବସାଧାରଣଙ୍କ ଆଗରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଖାଦ୍ୟ ଓ ବାସଗୃହ ଇତ୍ୟାଦି ମୌଳିକ ସମସ୍ୟା ଦେଖା ଦେଉଅଛି । ଏହି ପରିପ୍ରେକ୍ଷୀରେ ନିର୍ବାଚିତ ପ୍ରତିନିଧି ଯଥା- ମନ୍ତ୍ରୀ, ବିଧାୟକ, ଏମ୍.ପି ଓ ଅନ୍ୟ ନେତାମାନଙ୍କର ମୂଳ ଲକ୍ଷ୍ୟ ହେଉଛି ଉଚିତ୍ ସେବା ଯୋଗାଇବା । ଏମାନେ ସରକାରଙ୍କ ଦ୍ୱାରା ପ୍ରଚଳନ ହେଉଥିବା ସମସ୍ତ ସେବାକୁ କାର୍ଯ୍ୟକାରୀ କରିବାକୁ ଦାୟିତ୍ୱ ବହନ କରିଥାନ୍ତି ଏବଂ ବିଭିନ୍ନ ବିଭାଗ ଯଥା- ରାଜସ୍ୱ, ପ୍ରତିରକ୍ଷା, ପରିବହନ, ପୋଲିସ ସେବା, ଅଗ୍ନିଶମ, ଶିକ୍ଷା ଓ ସ୍ୱାସ୍ଥ୍ୟ ଇତ୍ୟାଦି ମାଧ୍ୟମରେ ସେବା ପ୍ରଦାନ କରିଥାନ୍ତି । ବାସ୍ତବରେ ଦେଖିଲେ ଆଜିର ରାଜନୀତିରେ ରାଜନେତାମାନଙ୍କର ସାହେବୀ ମାନସିକତାର ଗ୍ରହଣୀୟତାକୁ ସମସ୍ତେ ଅନୁଭବ କରୁଛନ୍ତି । ଏମାନେ ଗାନ୍ଧୀ ଓ ଗୋପବନ୍ଧୁଙ୍କର ଆଦର୍ଶର ଦ୍ୱାହି ଦେଇ ଦେଶସେବା ନାମରେ ନିଜ ବାଟରେ ଚତୁରତା ସହ ଧନ ଠୁଳ କରିବାକୁ ସକ୍ଷମ ହୋଇଥାନ୍ତି । ପରିସଂଖ୍ୟାନ ଏ.ଡି.ଆର. ତଥ୍ୟ ଅନୁଯାୟୀ, ଆମ ଦେଶର ସମସ୍ତ ଲୋକସଭା ପ୍ରାର୍ଥୀଙ୍କ ମଧ୍ୟରୁ ୩୧% କୋଟିପତି ଏବଂ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କର ହାରାହାରି ସମ୍ପତ୍ତି ୧କୋଟି ଟଙ୍କାରୁ ଅଧିକ । ଭାରତର ସବୁ ରାଜ୍ୟ ବିଧାନସଭାରେ ଥିବା ବିଧାୟକମାନଙ୍କର ସମ୍ପତ୍ତି ଦେଖିଲେ ୭୩୩୪୮ କୋଟିରୁ ଅଧିକ ହେବ । ପ୍ରକାଶଥାଉ କି, ଯେତେବେଳେ ଶାସକ ବା ପ୍ରଶାସକ ନିଜକୁ ସେବକ ବିଚାରରେ ପରିଚାଳିତ ହେବେ, ସେତେବେଳେ ଯାଇ ଆବଶ୍ୟକ ରୂପାନ୍ତରଣର ବାସ୍ତବ ମୂଲ୍ୟ ଲୋକମାନଙ୍କୁ ମିଳିପାରିବ । ସେଥିପାଇଁ ଲୋକାଭିମୁଖୀ ଶାସନ ଓ ଜନସେବା ପାଇଁ ସମର୍ପଣ ଭାବ ଏବଂ ଦୁର୍ନୀତିବିମୁଖ ପ୍ରତିବଦ୍ଧତା ପ୍ରାକ୍ ସର୍ତ୍ତ ହେବା ଉଚିତ ।

# ଅଠର ବାଇଶର ଦୁଃଖଦ ରଥଯାତ୍ରା

ଲୀଳାମୟଙ୍କ ଅସୀମ, ଆନନ୍ଦମୟ ରଥଯାତ୍ରା ଆମ ସମସ୍ତଙ୍କୁ କେବଳ ମହାପ୍ରଭୁଙ୍କ ଦର୍ଶନ ଦେଇନଥାଏ ବରଂ କୃପା ପ୍ରଦାନ କରିଥାଏ। ତେବେ ଏପରି ଏକ ସମୟ ଥିଲା ଯେଉଁଠି, ଲୀଳାମୟଙ୍କ ଏ ଘୋଷ ଯାତ୍ରା ଏକ ଦୁଃଖଦ ଅନୁଭୂତି ସେ ସମୟରେ ଅଭାବନୀୟ ଭାବେ ସୃଷ୍ଟି କରିଥିଲା। ୧୮୨୨ ମସିହା ଅର୍ଥାତ୍ ଇଂରେଜ ସମୟର କଥା। ସେ ସମୟରେ ରଥଯାତ୍ରା ଆଜିକା ପରି ବ୍ୟବସ୍ଥିତ ଓ ଭବ୍ୟ ହେଉନଥିଲା। ବଡ଼ଦାଣ୍ଡ ମଧ୍ୟ ପ୍ରଶସ୍ତ ନଥିଲା ଏବଂ ମଝିରେ ଥିଲା ମାଳିନୀ ନଦୀ। ମୁଁ ଆଲୋଚନା କରୁଥିବା ବର୍ଷର କଥା ଶ୍ରୀଜୀଉଙ୍କ ଅଣସର ପରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପୁରୀକୁ ଧାଡ଼ି ଛୁଟାଇଥାନ୍ତି, ଦିନକୁ ଦିନ ପୁରୀରେ ଗହଳି ବଢୁଥାଏ। ତତ୍କାଳୀନ ସମୟରେ ଇଂରେଜ ହାକିମ ମାନେ ପ୍ରଶାସନ ଚଳାଉଥିଲେ ମଧ୍ୟ ଶ୍ରୀଜୀଉଙ୍କ ନୀତିକାନ୍ତି କରୁଥିବା ଦଇତାପତି, ସେବାୟତ ମାନଙ୍କ ଉପରେ ଶ୍ରୀମନ୍ଦିରର ନିୟମିତ କାର୍ଯ୍ୟକ୍ରମ ପାଇଁ ପରାମର୍ଶ ସହଯୋଗ ଲୋଡୁଥିଲେ। ତେବେ ସେହି ବର୍ଷ ଏକ ଅଭାବନୀୟ ଓ ଦୁଃଖଦ ଘଟଣା ସଂଗଠିତ ହୋଇଥିଲା। ଅନେକ ଦିନରୁ ଶ୍ରୀଜୀଉଙ୍କ ଦର୍ଶନ ପାଇ ନଥିବା ବ୍ୟାକୁଳିତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ, ଭକ୍ତମାନେ ବିରାଟ ଗହଳି ସହିତ ମନ୍ଦିର ଭିତରକୁ ଏକତ୍ର ଯିବା ପାଇଁ ଉଦ୍ୟମ କଲେ, ଅସମ୍ଭାଳ ଠେଲାପେଲାରେ ସିଡ଼ିରେ ଆହତ ହୋଇ ଓ ପାହାଚରେ ଗୋଡ଼ ଖସି ପଡ଼ିଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ଉପରେ ଅନ୍ୟମାନେ ଦଳି ଚକଟି ଚାଲିଯାଇଥିଲେ। ସେମାନଙ୍କୁ ଗହଳି ଭିତରୁ ତତ୍କାଳ ଉଦ୍ଧାର କରିବା ଅସମ୍ଭବ ଥିଲା। କେବଳ ମନ୍ଦିର ଭିତରେ ଅଠର ଜଣ ମହିଳାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ତଥ୍ୟରୁ ଜଣା ଯାଇଛି। ତେବେ ସେଠି ଆଉ ଏକ ଚର୍ଚ୍ଚା ମଧ୍ୟ ଅନେକଙ୍କୁ ମ୍ରିୟମାଣ କରିପକାଇ ଥିଲା। କୁହାଯାଏ କି ସେ ସମୟରେ ନୀଚ ଜାତି କୁହାଯାଉଥିବା ବର୍ଗର ଏହି ମହିଳାମାନେ ହୋଇଥିବାରୁ ସେମାନଙ୍କ ଶବ ତୁରନ୍ତ ଉଠି ପାରିଲା ନାହିଁ। ଅନ୍ୟପଟେ ପ୍ରଶ୍ନ ଉଠିଲା ସେମାନଙ୍କ ପାଇଁ ମନ୍ଦିର ପ୍ରବେଶ ନିଷେଧ ଥିବାବେଳେ ସେମାନେ ମନ୍ଦିର ଭିତରକୁ ପ୍ରବେଶ କଲେ କିପରି ଓ କାହିଁକି? ତେଣୁ ସେ ସମୟର ଦାୟିତ୍ୱ ପରିଚାଳନା କରୁଥିବା ନିର୍ବାହକମାନେ ମତ ଦେଲେ ଯେ ଶ୍ରୀମନ୍ଦିରର ଦ୍ୱାର ବାଟରେ ସେ ଶବକୁ ବାହାରକୁ ଅଣାଗଲେ ଏହା ଶୁଭ ନୁହେଁ। ପରବର୍ତ୍ତୀ ସମୟରେ ସେହି ଦ୍ୱାର ବାଟେ ଅନ୍ୟ ଭକ୍ତମାନେ ଆସିବାକୁ ନଚାହିଁ ପାରନ୍ତି। ତେଣୁ ଏହିପରି ଏକ ସନ୍ଧିକ୍ଷଣ ସମୟରେ ଶବ ଗୁଡ଼ିକୁ ପାଚେରୀ ବାଟେ ଏକ ପ୍ରକାର ବାହାରକୁ କଢ଼ା ଯାଇଥିଲା ବା ଫିଙ୍ଗା ଯାଇଥିଲା। ସେ ସମୟରେ ଜାତିପ୍ରଥା ଭାରି ଉଗ୍ର ଅବସ୍ଥାରେ ଥିଲା ଏବଂ ଏହି ଭେଦଭାବ ଅନେକ ଅଘଟଣ ମଧ୍ୟ କେବଳ ସୃଷ୍ଟି କରୁନଥିଲା ଅନେକ ସ୍ଥାନରେ ଏହା ରକ୍ତାକ୍ତ ପରିବେଶ ସୃଷ୍ଟି କରୁଥିଲା। ତେଣୁ ବିଭିନ୍ନ ଦୃଷ୍ଟିକୋଣକୁ ଦେଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ କେତେକ ଗବେଷକ ମଧ୍ୟ ତଥ୍ୟ ଉଲ୍ଲେଖ କରିଛନ୍ତି। ତେବେ ଏପରି କିଛି କାରଣ ପାଇଁ ସେହି ବର୍ଷ ବିଳମ୍ବରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଅଘଟଣ ସେଇଠି ସରିନଥିଲା। ପରବର୍ତ୍ତୀ ସମୟର କଥା। ରଥଯାତ୍ରା ସମୟରେ ବିଦେଶରୁ ଆସିଥିବା କିଛି ଲୋକ ହାତୀ ପିଠିରେ ବଡ଼ଦାଣ୍ଡରେ ରଥ ଟାଣିବା ପାଇଁ କୌତୁହଳୀ ହୋଇ ରଥ ନିକଟରେ ଛିଡ଼ା ହୋଇପଡ଼ିଲେ। ତେବେ ରଥ ଦଉଡି ହଠାତ୍ ଦୁର୍ଘଟଣାବଶତଃ ଘଷି ଯିବାରୁ ଭିଡ଼ ଭିତରେ ପାଖାପାଖି ଚାରି ଜଣ ତୀର୍ଥଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଶେଷ ଲୋକ ଜଣଙ୍କ ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଏହି ଅଘଟଣ ପାଇଁ ସେ ସମୟର ଇଂରେଜ ପ୍ରଶାସକ ଏକ ତଦନ୍ତ ମଧ୍ୟ କରିଥିଲେ। ତେବେ ଆଲୋଚନା ହେଲା ଯେ ଏ ଘଟଣାର ମୁଖ୍ୟ ଯେ ହେତୁ ସେହି ବିଦେଶୀ ହାତୀ ଚଢ଼ି ଥିବା ଗୋରାସାହେବଙ୍କ କାରଣରୁ ହୋଇଥିବାରୁ କେହି ଦଣ୍ଡିତ ହୋଇନଥିଲେ। କିନ୍ତୁ ଏ ସମ୍ପର୍କରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ସେ ବର୍ଷ ରଥଯାତ୍ରାରେ ଉଲ୍ଲେଖନୀୟ ଭିଡ଼ ମଧ୍ୟ ହୋଇଥିଲା ତେବେ ଉପରୋକ୍ତ ଦୁଇ ଦୁଇଟି ଅଘଟଣ ଶ୍ରଦ୍ଧାଳୁଙ୍କ ଭିତରେ ଦୁଃଖଦ ଅନୁଭୂତି ରଖିଥିଲା।

# ଭାରତର ପ୍ରମୁଖ ଡିଜିଟାଲ ୱାଲେଟ୍ସ

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ଲାଇଟ (ଇପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନଲାଇନ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି। ଉଲ୍ଲେଖଥାଉକି ୟୁପିଆଇ ଲାଇଟକୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି। କାରବାର ପାଇଁ ଏଥିରେ ଇଣ୍ଟରନେଟର ଆବଶ୍ୟକତା ପଡ଼ିନଥାଏ। ଭାରତୀୟ ରିଜର୍ଭ ବ୍ୟାଙ୍କ ୟୁପିଆଇ ଲାଇଟ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆରବିଆଇ ଗୋଟିଏ ୟୁପିଆଇ ଲାଇଟ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେହିପରି ୱାଲେଟ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ ଉପଭୋକ୍ତାମାନେ ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବଳକା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ ଆକାଉଣ୍ଟକୁ ଫଣ୍ଡ ଟ୍ରାନସଫର କରିଥିଲେ। ଆଜିର ସମୟରେ ଆର୍ଥିକ କାରବାର ନିମିତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱାଲେଟ ସ୍ଥାନ ନେଇଛନ୍ତି। ସେହି ସବୁ ପ୍ରମୁଖ ଡିଜିଟାଲ ୱାଲେଟ ଉପରେ ଆଜିର ଆଲୋଚନା। ଏୟାରଟେଲ୍ ମନି : ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ୍ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ। ଏହା ଏକ ନିର୍ଭର ଯୋଗ୍ୟ ସେବା। ଯଦି ଆପଣଙ୍କର ଡିଜିଟାଲ ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ। ସିଟି ମାଷ୍ଟରପାସ୍ : ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି? ଯଦି ନା, ତାହେଲେ ଏବେ ହିଁ ଏହି ଆପ୍‌କୁ ଡାଉନଲୋଡ଼ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ। କାରଣ ଏହା ଏକ ଡିଜିଟାଲ ୱାଲେଟ ଆପ୍। ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ। ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱାଲେଟକୁ ମିଳିଯାଇଥାଏ। ଯାହାଫଳରେ ମାଷ୍ଟର ବଟମ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ। ସିଟ୍ରେସ୍ ପେ : ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱାଲେଟ୍। ଯାହା ଖାସ୍‌କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍। ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକକୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ। ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି। ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱାଲେଟ୍ସ। ଇଜ୍‌ଟାପ : ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବଦଳରେ ଏସ୍.ଏମ୍.ଏସ୍ ବା ଇମେଲ ଦ୍ୱାରା ଜଣାଯାଏ। ଏଚ୍.ଡି.ଏଫ୍.ସି ପେଜାପ୍ ଆପ୍ : ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା। ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାର୍ଡ଼ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ। ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି। ଜିଓମନି : ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା। ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା। ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଯ୍ୟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି। ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି। ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି। ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି। ଓଲା ମନି : ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା। ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା। ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା। ମୋବାଇଲ ମନି : ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ। ଦେଶର ଆଦିବାସୀ ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ଦରମା ସହଜପ୍ରାପ୍ୟ ହୋଇଛି। ପେଟିଏମ୍ : ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱାଲେଟ ଆପ୍। ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଇଛି। ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ। ଷ୍ଟେଟ ବ୍ୟାଙ୍କ ବଡ଼ି : ଭାରତରେ ଷ୍ଟେଟ ବ୍ୟାଙ୍କ ବଡ଼ି ଏକ ଅନଲାଇନ ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ। ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ଫେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା। ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଯ୍ୟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି। ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି। ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ



ସମ୍ବଲପୁର,୨୭/୬(ନି/ପ୍ର): ବୁର୍ଲାର ଡା. ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି ପକ୍ଷରୁ ହୀରାକୁଦ ସ୍ଥିତ କଳ୍ପତରୁ ସେବା ଶ୍ରମ ପରିସରରେ ଅନ୍ତେବାସୀଙ୍କ ଗହଣରେ କେନ୍ଦ୍ର ଶିକ୍ଷ୍ୟା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କର ୫୭ ତମ ଜନ୍ମଦିନ ପାଳନ କରାଯାଇଥିଲା ଓ ଏଠାକାର ଅନ୍ତେବାସୀ କୁନି କୁନି ପିଲାମାନଙ୍କ ଦ୍ୱାରା ଶ୍ରୀ ପ୍ରଧାନଙ୍କ ଜନ୍ମଦିନ କେକ କଟାଯାଇଥିଲା ଓ ଏହାପରେ ଆଶ୍ରମ ପରିସର ଭିତରେ ବୃକ୍ଷ ରୋପଣ କରାଯାଇ ଅନ୍ତେବାସୀଙ୍କୁ ଭୋଜନ ଏବଂ ମିଷ୍ଟାନ୍ନ ସହ କଲମ ଇତ୍ୟାଦି ବଣ୍ଟନ କରାଯାଇଥିଲା ଓ ଏହି ଜନ୍ମଦିନ ଅବସରରେ ସ୍ମୃତି ସମିତିର ଆବାହକ ତରଣୀସେନ ଚାନ୍ଦ, ସଭାପତି ରମାକାନ୍ତ ସାହୁ, ସଂପାଦକ ବସନ୍ତ ମେହେର ପ୍ରମୁଖ ଶ୍ରୀ ପ୍ରଧାନଙ୍କ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଓ ଏହି ଅବସରରେ ଜିତୁ ଲାମା, ନଗୀ ମହାନନ୍ଦ, ଜଗନ୍ନାଥ ଚୌଧୁରୀ, ତ୍ରିଲୋଚନ ସିଂ କୌର, ଜଗଜିତ ସିଂ. ନରୋତମ ମେହେର, ଲଳିତ ଲୁହା, ହରେକୃଷ୍ଣ ରେଡି. ଶାନ୍ତି ଲାମା, ଲକ୍ଷ୍ମୀ ରାଇ, ସୀତା ପ୍ରଧାନ, ଶାନ୍ତିଲତା ମହାନ୍ତି, ସୂର୍ଯ୍ୟକାନ୍ତି ସିଂ ବାବୁ, ଜୁଲି ସାହୁ, ମଞ୍ଜୁ ସୁନା, ସୁକାନ୍ତି ସାହୁ, ମମତା ଶର୍ମା, ବିମଳା ନାୟକ, ଦୁର୍ଗଶିନୀ ବେହେରା, ଭାଗ୍ୟଲତା ଚୌଧୁରୀ, ମମତା ମୁଦୁଲି ଓ ଗୋଲାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ ଘଂଟା ମଧ୍ୟରେ ହତ୍ୟାକାଣ୍ଡର ପର୍ଦ୍ଦାଫାଶ; ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୭/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ରେଙ୍ଗାଲି ପୋଲିସ ଏକ ହତ୍ୟା ମାମଲାର ପଞ୍ଜୀକରଣ ପରେ ମାତ୍ର ୬ ଘଂଟା ମଧ୍ୟରେ ଘଟଣାର ପର୍ଦ୍ଦାଫାଶ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗତ ୨୪ ଜୁନରେ ଅନୁଗୁଳ ଜିଲ୍ଲା ଖଣ୍ଡହତା ଗ୍ରାମର ଶଷ୍ଠୀଧର ସାହୁ (୩୮)ଙ୍କ ମୃତଦେହ ରେଙ୍ଗାଲି ଥାନା ଅଧୀନ ସାଗରପାଲି ସାହୁପଡ଼ା ଗ୍ରାମ ନିକଟସ୍ଥ ଏକ ଚାଷ ଜମିରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା । ଏନେଇ ଏକ ଲିଖିତ ଅଭିଯୋଗ ଦାଖଲ ହେବା ପରେ ରେଙ୍ଗାଲି ଥାନାରେ ମାମଲା ନଂ–୧୭୭, ତାରିଖ ୨୪.୦୬.୨୦୨୬ ରୁଜୁ କରାଯାଇଥିଲା ଏବଂ ତୁରନ୍ତ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ସମୟରେ ଡିଏଫଏସଏଲ୍ ଝାରସୁଗୁଡ଼ାର ବୈଜ୍ଞାନିକ ଅଧିକାରୀ ଓ ଡଗ୍ ସ୍କ୍ୱାଡ୍ ର ସହାୟତାରେ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରାଯାଇଥିଲା । ଘଟଣାସ୍ଥଳରୁ ରକ୍ତଲଗା ସାମଗ୍ରୀ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନମୁନା ଜବତ କରାଯାଇଥିଲା । ମୃତଦେହର ଶବ ବ୍ୟବଚ୍ଛେଦ ପରେ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରାଯାଇଥିଲା ।ବୈଷୟିକ ତଥ୍ୟ, ସ୍ଥାନୀୟ ଗୁଇନ୍ଦା ସୂଚନା ଓ ନିରନ୍ତର ପଚରାଉଚରା ଆଧାରରେ ପୋଲିସ ଟିକନୁ କିଶାନ (୪୪) ଏବଂ ଗୀତା ମିର୍ଦ୍ଧା (୪୦)ଙ୍କୁ ଅଟକ ରଖି ଜେରା କରିଥିଲା । ପରେ ସେମାନଙ୍କ ନିକଟରୁ ରକ୍ତଲଗା ଅଙ୍ଗୁଠି, ରକ୍ତଲଗା ପୋଷାକ, ହତ୍ୟାରେ ବ୍ୟବହୃତ ହୋଇଥିବା ସନ୍ଦେହ କରାଯାଉଥିବା କାଠ ଗଣ୍ଡି ଓ ଅନ୍ୟାନ୍ୟ ଆପତିଜନକ ସାମଗ୍ରୀ ଜବତ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ମୃତ ଶଷ୍ଠୀଧର ସାହୁ ଓ ଗୀତା ମିର୍ଦ୍ଧା ଦୀର୍ଘ ବର୍ଷ ଧରି ଏକାଠି ବସବାସ କରୁଥିଲେ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି । ପାରିବାରିକ କଳହ, ମୃତକଙ୍କ ମଦ୍ୟପାନ ଅଭ୍ୟାସ ଓ ପାରସ୍ପରିକ ସମ୍ପର୍କରେ ଅବନତି ଯୋଗୁଁ ଗୀତା ମିର୍ଦ୍ଧା ଓ ଟିକନୁ କିଶାନଙ୍କ ସହ ତାଙ୍କର ବିବାଦ ବଢ଼ିଥିଲା । ଗତ ୨୩ ଜୁନ ରାତିରେ ଏହି ବିବାଦ ଉଗ୍ର ରୂପ ନେଇଥିଲା ଏବଂ ଶଷ୍ଠୀଧରଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଥିବା ତଦନ୍ତରୁ ପ୍ରକାଶ ପାଇଛି ।

# ଅର୍ଥନୀତିରେ କ୍ୟାରିଅର ସୁଯୋଗ ଉପରେ କର୍ମଶାଳା



ଝାରସୁଗୁଡ଼ା,୨୭/୬(ନି/ପ୍ର): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ାର ଅର୍ଥନୀତି ବିଭାଗ ପକ୍ଷରୁ "ଅର୍ଥନୀତିରେ କ୍ୟାରିଅର ସୁଯୋଗ" ଶୀର୍ଷକ ଏକ ଏକଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଗୀତାରାଣୀ ଦୀକ୍ଷିତ ଏହି କର୍ମଶାଳାକୁ ଉଦ୍ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଅର୍ଥନୀତି ବିଷୟର ବ୍ୟାପକ କ୍ଷେତ୍ର ଓ ଏଥିରେ ଥିବା ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ଅବଗତ କରାଇଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଫେସର ତପନ କୁମାର ବାରିକ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ଡ. ଶୁଭଲକ୍ଷ୍ମୀ ବାରିକ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ ପ୍ରଦାନ କରିଥିଲେ । ମଂଚାସୀନ ଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ.ସର୍ବେଶ୍ୱର ପ୍ରଧାନ,ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ସହକାରୀ ଅଧ୍ୟାପକ ଡ. ଆଶିଷ କୁମାର ସା ଏବଂ ବ୍ରଜରାଜନଗର କଲେଜର ଅର୍ଥନୀତି ଅଧ୍ୟାପକ ହରିଶଙ୍କର ପାଣ୍ଡେ ଅର୍ଥନୀତି କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା, ସରକାରୀ ଓ ବେସରକାରୀ ଚାକିରି, ତଥ୍ୟ ବିଶ୍ଳେଷଣ, ବ୍ୟାଙ୍କିଙ୍ଗ, ଅର୍ଥନୈତିକ ପରାମର୍ଶ ଏବଂ ନୀତି ନିର୍ଦ୍ଧାରଣ ଭଳି ବିଭିନ୍ନ କ୍ୟାରିଅର ସୁଯୋଗ ଉପରେ ଆଲୋକପାତ କରିଥିଲେ । ଆଲୋଚନା ପର୍ବରେ ପଂଚାୟତ କଲେଜ, ବରଗଡ଼ର ସହକାରୀ ଅଧ୍ୟାପିକା ସୁଶ୍ରୀ ଖୁଲଣା ମଲ୍ଲିକ, ଦେବଗଡ଼ କଲେଜର ଅଧ୍ୟାପିକା ଡ. ବବିତା ବାଞ୍ଜି, ଡ. ସ୍ମୃତି ପୂଜା ଦାଶ, ଅଧ୍ୟାପକ ରଜି ବିଶ୍ୱାଳ ଏବଂ ବିଭାଗର ବର୍ତ୍ତମାନ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ମତାମତ ଓ ଅନୁଭୂତି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ଶେଫାଳୀ ଦେବୀ ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ଅର୍ଥନୀତି ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ କ୍ୟାରିଅର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ସହ ଏହା ସେମାନଙ୍କ ଭବିଷ୍ୟତ ଯୋଜନା ଓ ପେସାଗତ ବିକାଶ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥିଲା ।

# ବର୍ଷାରେ ବଢ଼ିଲା ବିପଦ : ବାଉଁଶ ସହାୟତାରେ ଚାଲିଛି ବିଦ୍ୟୁତ ସଂଯୋଗ

ଝାରସୁଗୁଡା,୨୭/୬(ନି/ପ୍ର): ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଏକ ଗୁରୁତର ବିଦ୍ୟୁତ ସମସ୍ୟା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ଗ୍ରାମ ଛକଠାରୁ ଆରମ୍ଭ କରି ଗ୍ରାମ ମଧ୍ୟଦେଇ ଯାଇଥିବା ବିଦ୍ୟୁତ ତାରଗୁଡ଼ିକ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଥିବାବେଳେ ସେଗୁଡ଼ିକୁ ସରକାରୀ ବିଦ୍ୟୁତ ଖୁଣ୍ଟ ପରିବର୍ତ୍ତେ ଏକ ଶୁଖିଲା ଗଛ ଓ ଅସ୍ଥାୟୀ ବାଉଁଶ ଖମ୍ବ ସହାୟତାରେ ଟାଣି ନିଆଯାଇଛି । ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଓଦା ବାଉଁଶ ଓ ଗଛ ମାଧ୍ୟମରେ ବିଦ୍ୟୁତ ପ୍ରବାହିତ ହେବାର ଆଶଙ୍କା ବଢ଼ିଛି । ଫଳରେ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିବାର ସମ୍ଭାବନା ରହିଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସମସ୍ୟା ସମ୍ପର୍କରେ ବହୁବାର ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । ଏନେଇ ବଡ଼ମାଲ ବିଦ୍ୟୁତ ସେକ୍ସନର ଜେଇ ସୁଧାଂଶୁ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତ ଅଂଚଳ ରେଙ୍ଗାଲି ବିଦ୍ୟୁତ ସେକ୍ସନ ଅଧୀନରେ ଥିବାରୁ ସେମାନେ ସିଧାସଳଖ ହସ୍ତକ୍ଷେପ କରିପାରିବେ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀପୁରା ଗ୍ରାମ ଭୌଗୋଳିକ ଭାବେ ଝାରସୁଗୁଡା ଜିଲ୍ଲାରେ ଥିବାବେଳେ ଏହାର ବିଦ୍ୟୁତ ପରିଚାଳନା ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ସେକ୍ସନ ଅଧୀନରେ ରହିଛି । ଦୁଇ ଜିଲ୍ଲା ମଧ୍ୟରେ ପ୍ରଶାସନିକ ସମନ୍ୱୟର ଅଭାବ ଓ ବିଭାଗୀୟ ଟାଳଟୁଳ ନୀତି ଯୋଗୁଁ ସାଧାରଣ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତୁରନ୍ତ ଏଠାରେ ସ୍ଥାୟୀ ବିଦ୍ୟୁତ ଖୁଣ୍ଟ ସ୍ଥାପନ ସହ ବିପଦଜନକ ଅବସ୍ଥାରେ ଥିବା ବିଦ୍ୟୁତ ତାରର ମରାମତି କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବ୍ୟାପକ ପରାମର୍ଶ କର୍ମଶାଳା



ଝାରସୁଗୁଡ଼ା,୨୭/୬(ନି/ପ୍ର):ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ୍.ଏଫ୍. ଅଡିଟୋରିୟମ୍ ହଲ୍ରେ ଏକ ବୃହତ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ପରାମର୍ଶ ବୈଠକ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ଅଧ୍ୟକ୍ଷା ବବିତା ପାତ୍ର ,ସମ୍ମାନୀତ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତି ଚନ୍ଦନା ଦାସ , ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଦ,ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନଭାଲ ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ରିନା ପଟେଲ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ରିସୋର୍ସ ପର୍ସନ ସରୋଜ କୁମାର ବାରିକ, ଜିଲ୍ଲା ଶ୍ରମ ଅଧିକାରୀ ସୁନିତା ଲାକ୍ରା ଯୋଗ ଦେଇ ଶିଶୁ ସୁରକ୍ଷା, ଶିଶୁ ଶ୍ରମ ନିରାକରଣ ଅଭିଯାନ ଉପରେ ବକ୍ତବ୍ୟ ରଖିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ବିଭିନ୍ନ ବିଭାଗରୁ ଅଂଶ ଗ୍ରହଣ କରିଥିବା ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ, ଏନ ଜି ଓ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ସୁନିତା ଲାକ୍ରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସହକାରୀ ଶ୍ରମ ଅଧିକାରୀ, ଲଖନପୁର ତରୁଣ କୁମାର ମହାନ୍ତି ମଂଚ ପରିଚାଳନା ଓ ସଭା ସଂଯୋଜନା କରିଥିଲେ । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସ୍ୱାଗତ ଅଭିଭାଷଣ ରଖି କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଶିଶୁମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ଅଧ୍ୟକ୍ଷା ବବିତା ପାତ୍ର କହିଥିଲେ 'ପ୍ରତ୍ୟେକଟି ଶିଶୁ ହେଉଛି ଆମ ସମାଜର ଭବିଷ୍ୟତ । ସେମାନଙ୍କର ଶିକ୍ଷା ଲାଭ କରିବାର, ହସିଖେଳି ବଡ଼ ହେବାର ଏବଂ ସମାଜରେ ମୁଣ୍ଡ ଟେକି ବଂଚିବାର ସମ୍ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ରହିଛି । ଆମକୁ ସାମାଜିକ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ହେବ, ଯେପରି କୌଣସି ବି ପିଲା ନିଜର ଶୈଶବକୁ ଶ୍ରମର ନିଆଁରେ ଜାଳି ନଦିଏ । ପିଲାମାନଙ୍କ କୁନି କୁନି ହାତରେ କୌଣସି ଶ୍ରମର ସାମଗ୍ରୀ ବ୍ରସ ବଦଳରେ କଲମ ରହିବା ଉଚିତ ଏବଂ ଇଟା ଭାଟିର ପଥର ବଦଳରେ ସେମାନଙ୍କ କାନ୍ଧରେ ବହି-ବସ୍ତାନୀ ଶୋଭା ପାଇବା ଉଚିତ । ଆମ ସମସ୍ତଙ୍କର ମିଳିତ ପ୍ରୟାସରେ ହିଁ ଏକ ଶିଶୁ ଶ୍ରମିକ ମୁକ୍ତ ଝାରସୁଗୁଡ଼ା ଗଠନ ହୋଇପାରିବ ।' ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ଆହୁରି ମଧ୍ୟ କହିଥିଲେ ଯେ, ଋତୁକାଳୀନ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ସୁରକ୍ଷା, ବିଦ୍ୟାଳୟରୁ ଡ୍ରପଆଉଟ୍ ହେଉଥିବା ଛାତ୍ରଛାତ୍ରୀ ଏବଂ ସହରାଂଚଳରେ ଦେଖାଯାଉଥିବା ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସମସ୍ତ ସରକାରୀ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଜରୁରୀ । ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ କ୍ଷେତ୍ରସ୍ତରରେ ଦକ୍ଷତା ବିକାଶ ଓ ବ୍ୟାପକ ପ୍ରଚାର ପ୍ରସାର କରି ନିଜର ଗୁରୁ ଦାୟିତ୍ୱ ନିର୍ବାହ କରନ୍ତୁ । ଚାଇଲ୍ଡଲାଇନ୍ (୧୦୯୮) ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିଳିତ ଭାବେ ସୂଚନା ଆଦାନପ୍ରଦାନ କରି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରନ୍ତୁ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସ୍ଥିରତା ଦେବା ପାଇଁ ରୋଜଗାର ସୁଯୋଗ ଯୋଗାଇ ଦିଅନ୍ତୁ । ଏଥିସହ ମିଶନ ଶକ୍ତିର ଏସ ଏଚ ଜି ମା'ମାନଙ୍କୁ ସାମିଲ କରି ସେମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଓ ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରିବାକୁ ସେ ପ୍ରଶାସନକୁ ଅନୁରୋଧ କରିଥିଲେ । ତତସହିତ ଶିଶୁ ଶ୍ରମ ମୁକ୍ତ ୱାର୍ଡ, ଶିଶୁ ଶ୍ରମ ମୁକ୍ତ ଗାଁ, ଶିଶୁ ଶ୍ରମ ମୁକ୍ତ ପଂଚାୟତ ଗଠନ ସହ ବାଲ୍ୟ ବିବାହ ମୁକ୍ତ କରିବାକୁ ମଧ୍ୟ ଆହ୍ୱାନ କରିଥିଲେ । ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ 'ଆମକୁ କେବଳ ବୈଠକ ଭିତରେ ସୀମିତ ନରହି ନିଜ ନିଜର ଭୂମିକାକୁ ସଠିକ୍ ଭାବେ ଆକଳନ ଓ ଆତ୍ମସମୀକ୍ଷା କରିବାକୁ ହେବ । ସରକାରଙ୍କ ଯେଉଁ ସବୁ ଗାଇଡଲାଇନ ରହିଛି, ତାହା କେତେଦୂର କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହେଉଛି ତାହା ଦେଖିବା ଦରକାର । ଆଜିକାଲି କିଶୋର ଅବସ୍ଥାରେ ପିଲାମାନେ ମୋବାଇଲ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି, ଯାହା ସେମାନଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଉଛି । ତେଣୁ ବିଶେଷ କରି ୯ମ ଓ ୧୦ମ ଶ୍ରେଣୀର ପିଲାମାନଙ୍କ ପାଇଁ ଏମ୍ ସି ଏଲ ର ସି ଏସ ଆର ପାଣ୍ଠି ସହାୟତାରେ ବ୍ୟାପକ ଭାବେ କ୍ୟାରିୟର କାଉନସେଲିଂ ଏବଂ ସ୍କିଲିଂ କାର୍ଯ୍ୟକ୍ରମ କରାଯାଉ । ପ୍ରତି ମାସରେ ସେହି ପିଲାମାନେ କେଉଁଠି ଅଛନ୍ତି ଏବଂ ସେମାନଙ୍କର କିପରି ବିକାଶ ହେଉଛି ତାର ତଦାରଖ କରାଯାଉ ।' ବିଧାୟକ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ ଯେ ବର୍ତ୍ତମାନ ସୁଦ୍ଧା ୯୫୫ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯାଇ ସାରିଛି । ସେ ଜିଲ୍ଲା ଶ୍ରମ ଅଧିକାରୀ ଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଜିଲ୍ଲାରେ ଥିବା ବିଭିନ୍ନ ହୋଟେଲ, ଢାବା ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରାଯାଉ ଏବଂ ସେଠାରୁ କାର୍ଯ୍ୟରତ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କରାଯାଉ, ତେବେ ଯାଇ ଶିଶୁ ଶ୍ରମିକ ନିରାକରଣର ପ୍ରକୃତ ଫଳ ମିଳିପାରିବ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସଦଙ୍କ ପ୍ରତିନିଧି ରିନା ପଟେଲ କହିଥିଲେ ଯେ ଆମ ସମାଜର ଶିକ୍ଷା ଓ ସଂସ୍କୃତିକୁ ଆଗକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ । ଆସନ୍ତା ୨୦୩୬ ମସିହା ସୁଦ୍ଧା ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଝାରସୁଗୁଡ଼ାକୁ ସମ୍ପୂର୍ଣ୍ଣ ଭାବେ ଶିଶୁ ଶ୍ରମିକ ମୁକ୍ତ ଏବଂ ନିରକ୍ଷରତା ମୁକ୍ତ କରି ଏକ 'ବିକଶିତ ଓଡ଼ିଶା' ଗଠନ ଦିଗରେ ଆମକୁ ଏବେଠାରୁ ଦୃଢ଼ ପଦକ୍ଷେପ ନେବାକୁ ହେବ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ ଯୋଗଦେଇ ଝାରସୁଗୁଡ଼ା ଜିଲ୍ଲାର ବର୍ତ୍ତମାନର ସ୍ଥିତି ଓ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପ୍ରୟାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସକୁ ଅଧିକ ସକ୍ରିୟ କରିବା, ପ୍ରତି ମାସରେ ନିୟମିତ ସମୀକ୍ଷା ବୈଠକ କରିବା, ଉଦ୍ଧାର ହୋଇଥିବା ଶିଶୁମାନଙ୍କ ପାଇଁ ପୁନର୍ବାସ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଜିଲ୍ଲାର ପ୍ରତିଟି ଗ୍ରାମକୁ 'ଶିଶୁ ଅନୁକୂଳ ଗ୍ରାମ' ଭାବେ ଗଢ଼ିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ସମସ୍ତଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମ୍ବଳ ବ୍ୟକ୍ତି ସରୋଜ କୁମାର ବାରିକ ଶିଶୁ ଶ୍ରମ ନିରାକରଣ ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ପ୍ରଶ୍ନୋତ୍ତର ରଖିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସହକାରୀ ଶ୍ରମ ଅଧିକାରୀ, ଝାରସୁଗୁଡା ପ୍ରିୟଙ୍କା ସାହୁ,ସହକାରୀ ଶ୍ରମ ଅଧିକାରୀ କିର୍ମୀରକ୍ଷ ଦୀପକ ଏକ୍କା, ସହକାରୀ ଶ୍ରମ ଅଧିକାରୀ, କୋଲାବିରା ଦେବାଶିଷ ତରେଇ ଏବଂ ଜିଲ୍ଲା ଶ୍ରମ ଅଧିକାରୀ ଙ୍କ କାର୍ଯ୍ୟାଳୟ ର କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ର କର୍ମଚାରୀ ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ କ୍ଷଏଥି ସହ ଜିଲ୍ଲାର ବିଭିନ୍ନ ବିଭାଗରୁ ଆସିଥିବା ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ, ଏନଜିଓ ଏବଂ ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଝାରସୁଗୁଡ଼ାର ୪୧୪ ପରିବାରଙ୍କ ଘର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ହେବ
# ଟିପିଡ଼ବ୍ଲ୍ୟୁଓଡିଏଲ୍ ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ




ଝାରସୁଗୁଡ଼ା,୨୭/୬(ନି/ପ୍ର) :ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନିୟମ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଅଛି । ବେଦାନ୍ତ ଆଲୁମିନିୟମର ସିଏସଆର୍ ପାଣ୍ଠି ସହାୟତାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଅବସ୍ଥିତ ଗ୍ରାମଗୁଡ଼ିକର ୪୧୪ ପରିବାରଙ୍କ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇବାକୁ ସ୍ଥିର କରାଯାଇଅଛି । ଗତ ବୁଧବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲ୍ର ଆର୍ଥିକ ଏବଂ ଏବଂ ନିୟାମକ ବ୍ୟାପାର ବିଭାଗର ମୁଖ୍ୟ ମୋହିତ ଜୈନ ଏବଂ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ ଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ରାମୀଣ ଅଂଚଳରେ ନିମ୍ନ ଆୟ ବର୍ଗର ପରିବାରମାନଙ୍କ ମଧ୍ୟରେ ରୁଫଟପ୍ ସୋଲାରର ବ୍ୟବହାରକୁ ତ୍ୱରାନ୍ୱିତ କରିବା । ଏହି ସହଯୋଗୀ ପଦକ୍ଷେପକୁ ପ୍ରଶଂସା କରି ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, "ଜିଲ୍ଲା ପ୍ରଶାସନ ସବୁଜ ଶକ୍ତିର ପ୍ରସାର ଏବଂ ସମ୍ପ୍ରଦାୟର ବିକାଶ ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ସକ୍ରିୟ ସହଯୋଗ କରିବାକୁ ଉତ୍ସାହିତ କରୁଛି । ଏଭଳି ପଦକ୍ଷେପ ଗ୍ରାମୀଣ ପରିବାରମାନଙ୍କ ପାଖରେ ସ୍ୱଚ୍ଛ ଓ ସୁଲଭ ଶକ୍ତିର ସୁବିଧା ପହଂଚାଇବା ସହିତ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ସହାୟକ ହେବ । ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ଏହି ପଦକ୍ଷେପ ଗ୍ରାମୀଣ ସଶକ୍ତିକରଣ ଓ ସ୍ଥାୟୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।" ଏହି ସହଯୋଗକୁ ସ୍ୱାଗତ କରି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ସୌର ଶକ୍ତିର ସୁବିଧା ପହଂଚାଇବା ପାଇଁ ଟିପିଡବ୍ଲୁଓଡିଏଲ୍ ପ୍ରତିବଦ୍ଧ । ବେଦାନ୍ତ ଆଲୁମିନିୟମ ସହିତ ଏହି ସହଯୋଗ ଗ୍ରାମୀଣ ପରିବାରମାନଙ୍କୁ ସୁଲଭ ଓ ସ୍ୱଚ୍ଛ ଶକ୍ତି ସମାଧାନ ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ୟୁଏଲଏ ମଡେଲ୍ ମାଧ୍ୟମରେ ଆମେ ରୁଫଟପ୍ ସୋଲାର ଗ୍ରହଣ ପ୍ରକ୍ରିୟାକୁ ସହଜ କରୁଛୁ ଏବଂ ପଶ୍ଚିମ ଓଡ଼ିଶା ପାଇଁ ଏକ ସ୍ଥାୟୀ ଓ ଶକ୍ତି-ସୁରକ୍ଷିତ ଭବିଷ୍ୟତ ଗଠନରେ ସହଯୋଗ କରୁଛୁ । ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା ଜିଲ୍ଲାର ଭୂର୍ଖାମୁଣ୍ଡା, ବଞ୍ଜାରୀ, ବୃନ୍ଦାମାଳ, ଚିତୁଆପଡ଼ା, କାଟିକେଲା, କୁରେବଗା, ସିରିଆପାଲି ଏବଂ ସୁନାରୀମୁଣ୍ଡା ଗ୍ରାମର ୪୧୪ ଜଣ ଯୋଗ୍ୟ ଗ୍ରାହକଙ୍କୁ ଚିହ୍ନଟ କରାଯାଇଛି । ପ୍ରଥମ ପର୍ଯ୍ୟାୟର ସଫଳ କାର୍ଯ୍ୟାନ୍ୱୟନ ପରେ ଟିପିଡବ୍ଲୁଓଡିଏଲ୍ ଓ ବେଦାନ୍ତ ଆଲୁମିନିୟମ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବାକୁ ପ୍ରତିବଦ୍ଧ ରହିଛନ୍ତି । ଏଥିପାଇଁ ଉଭୟ କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଯୋଗ୍ୟ ପରିବାରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଏହି ସହଭାଗିତା ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତିର ପ୍ରସାର ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଦିଗରେ ଟିପିଡବ୍ଲୁଓଡିଏଲ୍ର ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସାବ୍ୟସ୍ତ ହୋଇଛି ।

# ମଣ୍ଡିରୁ ଧାନ ନଉଠିବାରୁ ଜୟପାଟଣା ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ମୁଖୀଗୁଡା,୨୭/୬(ନି/ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ପେକ୍ସ ଅଧୀନରେ ଥିବା କପୁରମାଳ ସବ୍-ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ମଣ୍ଡିରୁ ଧାନ ନଉଠିବା ଏବଂ ଦଲାଲରାଜ୍ ପ୍ରତିବାଦରେ ଆଜି ଶତାଧିକ ଚାଷୀ ଜୟପାଟଣା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ଚାଷୀମାନେ ଗତ ମେ ମାସରୁ ନିଜର କଷ୍ଟଉପାର୍ଜିତ ଧାନ ବିକ୍ରି କରିବା ପାଇଁ କପୁରମାଳ ମଣ୍ଡିକୁ ଆଣିଛନ୍ତି ।ହେଲେ ଦୀର୍ଘ ମାସେ ବିତିଯାଇଥିଲେ ମଧ୍ୟ ମଣ୍ଡିକୁ ଆବଶ୍ୟକ ମୁତାବକ ଟ୍ରକ୍ ଆସୁନାହିଁ ।ଫଳରେ ଚାଷୀଙ୍କ ଧାନ ବିକ୍ରି ନହୋଇ ଖୋଲା ଆକାଶ ତଳେ ପଡ଼ିରହି ନଷ୍ଟ ହେବାକୁ ବସିଲାଣି ।ଜୁନ୍ ମାସ ଶେଷ ହେବାକୁ ଯାଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଧାନ ଉଠାଇବା ପାଇଁ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।ମଣ୍ଡି ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀମାନଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହାର ସୁଯୋଗ ନେଇ ମଣ୍ଡିରେ ସକ୍ରିୟ ଥିବା ଦଲାଲମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି ।

